୬ ରୋନାଲ୍ଡୋଙ୍କ ୯୦୦ ଗୋଲ୍
ଏଲିଟ୍ ତାଲିକାରେ ମେସି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୪୯ ● ୨୦ ମାର୍ଚ୍ଚ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-49 ● 20th March 2026, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ସର୍ବଦଳୀୟ ବୈଠକ ସତ୍ତ୍ୱେ ୩ୟ ଦିନ ପାଇଁ ଗୃହ ଅଚଳ

# ବିରୋଧୀ ଦଳଙ୍କୁ ତୀବ୍ର ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯ ।୩
ନ୍ୟୁଜ୍ ବ୍ୟୁରୋ

କଟକ ଏସ୍‌ସିବି ମେଡ଼ିକାଲରେ ଅଗ୍ନିକାଣ୍ଡଜନିତ ରୋଗୀ ମୃତ୍ୟୁ ଘଟଣାରେ ବିରୋଧୀ ଦଳ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନାରାବାଜି ହଟ୍ଟଗୋଳ ଯୋଗୁ ଗୁରୁବାର ଲଗାତାର ତୃତୀୟ ଦିନ ପାଇଁ ବିଧାନସଭା ଅଚଳ ହୋଇପଡିଥିଲା । ତେବେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ବିରୋଧୀ ଦଳ ବିଧାୟକମାନଙ୍କୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ନିବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିନଥିଲା । ଏହାପରେ ବାଚସ୍ପତି ଗୃହକୁ ଏକାଧିକବାର ମୁଲତବୀ ରଖିବା ସହ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ । ତାସତ୍ତ୍ୱେ ସମାଧାନର ସୂତ୍ର ବାହାରିପାରିନଥିଲା । ଦ୍ୱିତୀୟାର୍ଦ୍ଧ ବୈଠକରେ



ମଧ୍ୟ ବିରୋଧୀ ଦଳ ବିଧାୟକମାନେ ସେମାନଙ୍କର ଦାବି ଦୋହରାଇଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଳସମ୍ପଦ ବିଭାଗର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୬୪୪୭ କୋଟି ୧୫ ଲକ୍ଷ ୮ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ । ଏହି ସମୟରେ ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ପ୍ରବଳ ପ୍ରତିବାଦରେ ଉଚ୍ଚସ୍ୱରରେ ସ୍ଲୋଗାନ ଦେବା ସହ କକ୍ଷ ତ୍ୟାଗ କରିଥିଲେ ।

ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିରୋଧୀ ଦଳକୁ ଶାଣିତ ସ୍ୱରରେ ସମାଲୋଚନା କରି କହିଥିଲେ ଯେ, ବିରୋଧୀ ଦଳ ଗୃହରେ ନାଟକ ବାଜି କରୁଛନ୍ତି । ଶବ ଉପରେ ଶୋଭାଯାତ୍ରା କରି ପୀଡିତ ପରିବାରକୁ ଉପହାସ କରୁଛନ୍ତି । ବିରୋଧୀଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ରାଗ ରାଗ ଜାଗାରେ ଥାଉ । ଦୁଃଖ ଦୁଃଖ ଜାଗାରେ ରହୁ । କିନ୍ତୁ ବିରୋଧୀ ଦଳ ଗୃହକୁ ସମ୍ପୂର୍ଣ୍ଣ ଅଚଳ କରିବା, ଗୃହରେ ଅନୁପସ୍ଥିତ ରହିବା ଠିକ୍ ହେଉନାହିଁ । ଏହା ଦୁଃଖଦାୟକ । ନିଜ ଅଞ୍ଚଳର କଥା ଗୃହରେ ନ ରଖିବା । ନାଟକ ବାଜି କରିବା ଇଏ ସମ୍ପୂର୍ଣ୍ଣ ନକାରାତ୍ମକ ଚିନ୍ତାଧାରା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେତେବେଳେ ରାଜ୍ୟରେ କେଉଁଠି କିଛି ଘଟଣା ଘଟିବ ସେତେବେଳେ ବିଧାନସଭାରେ ସେହି କଥା ରଖିବାର ନଜିର ରହି ଆସିଛି । ଗୃହ ସୁପରିଚାଳନା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ପରେ ଡାକିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ଚାଲିବା କଥା । ନଚେତ ଗାନ୍ଧୀ ମୂର୍ତ୍ତି ତଳେ ବସିବା କିମ୍ବା ରାଜ୍ୟପାଳଙ୍କ ନିକଟରେ ଫେରାଦ ହେବାର ନଜିର ରହିଛି । ଅତୀତ ଦିନରେ ଆମେ ବିରୋଧୀ ଦଳରେ ଥିଲା ବେଳେ ମଧ୍ୟ ତାହା କରୁଥିଲୁ । ମାତ୍ର ବର୍ତ୍ତମାନ ବିରୋଧୀ ଦଳ ତାହା ନ କରି କେବଳ ବିଧାନସଭା ଆସି ହୋ ହଲ୍ଲା କରି ଚାଲିଯିବାର ନାଟକ ବାଜି କରିବାର ମାନେ କଣ ବୋଲି ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

# ଡ୍ରୋନ୍ ନିର୍ମାଣରେ ବିଶ୍ୱସ୍ତରୀୟ ହବ୍ ହେବ ଭାରତ

ନୂଆଦିଲ୍ଲୀ, ୧୯ ।୩

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଓ ରଣନୈତିକ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଭାରତ ଏବେ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖିଛି । ଦିଲ୍ଲୀରେ ଆୟୋଜିତ ଜାତୀୟ ପ୍ରତିରକ୍ଷା ଶିଳ୍ପ ସମ୍ମିଳନୀ ୨୦୨୬ରେ ଉଦବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ରୁଷ-ୟୁକ୍ରେନ ଏବଂ ଇରାନ-ଇସ୍ରାଏଲ ସଂଘର୍ଷ ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଡ୍ରୋନ୍ ଓ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାର ଅପରିହାର୍ଯ୍ୟତାକୁ ପ୍ରମାଣିତ କରିଛି ।

ଭବିଷ୍ୟତର ଯୁଦ୍ଧ କୌଶଳକୁ ଦୃଷ୍ଟିରେ



ରଖି ଭାରତକୁ ଏକ ସୁଦୃଢ଼ ଡ୍ରୋନ୍ ଉତ୍ପାଦନ ଇକୋସିଷ୍ଟମ ବିକଶିତ କରିବାକୁ ପଡ଼ିବ, ଯାହା ଦେଶକୁ ଆଗାମୀ କିଛି ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଉଭା କରିବ ।

ପ୍ରତିରକ୍ଷା ପ୍ରସ୍ତୁତି ଏବଂ ରଣନୈତିକ ସ୍ୱାୟତ୍ତତା ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍ ଅତ୍ୟନ୍ତ ଜରୁରୀ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଏହି ଆତ୍ମନିର୍ଭରଶୀଳତା କେବଳ ଉପରିସ୍ଥ ଢାଞ୍ଚାରେ ସୀମିତ ନରହି ଡ୍ରୋନର ସଫ୍ଟୱେର ଇଞ୍ଜିନ୍ ଓ ବ୍ୟାଟେରୀ ଭଳି ପ୍ରତିଟି ମୁଖ୍ୟ ଅଂଶ ପର୍ଯ୍ୟନ୍ତ ବିସ୍ତାରିତ ହେବା ଆବଶ୍ୟକ ।

ଯଦିଓ ଏହି ଉପାଦାନଗୁଡ଼ିକ ପାଇଁ ବିଶ୍ୱର ଅନେକ ଦେଶ ଅନ୍ୟ ଉପରେ ନିର୍ଭର କରନ୍ତି, କିନ୍ତୁ ଭାରତକୁ ଏହି ଆହ୍ୱାନକୁ ସ୍ୱୀକାର କରି ନିଜସ୍ୱ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ହେବ । ଏଥିସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ରୋବୋଟିକ୍ସ ଓ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟାକୁ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ସାମିଲ କରିବା ପାଇଁ ସେ ଶିଳ୍ପ ଜଗତକୁ ପରାମର୍ଶ ଦେଇଛନ୍ତି ।

# ଇରାନ ଆକ୍ରମଣକୁ ନିନ୍ଦା କଲେ ୧୨ ଆରବ ଏବଂ ଇସଲାମିକ୍ ଦେଶ

ରିୟାଦ, ୧୯ ।୩

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ଉତ୍ତେଜନା ଏବେ ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଗ୍ରାସ କରିଛି । ଏହା ଅଞ୍ଚଳର ଶାନ୍ତିକୁ ବ୍ୟାହତ କରୁଛି । ସାଉଦି ଆରବର ରାଜଧାନୀ ରିୟାଦରେ ୧୨ ଗୁରୁତ୍ୱପୂର୍ଣ୍ଣ ଆରବ ଏବଂ ଇସଲାମିକ୍ ଦେଶର ବୈଦେଶିକ ମନ୍ତ୍ରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ସର୍ବସମ୍ମତିକ୍ରମେ ଇରାନ ଦ୍ୱାରା କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ନିନ୍ଦା ଏବଂ ପ୍ରତିବାଦ କରିଛନ୍ତି । ମନ୍ତ୍ରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଇରାନର ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଜାତୀୟ ଆଇନର ଏକ ଖୋଲା ଉଲ୍ଲଂଘନ ଏବଂ ଏହାକୁ ତୁରନ୍ତ ବନ୍ଦ କରାଯିବା ଉଚିତ ।

ଗୁରୁବାର ସାଉଦି ଆରବର ରାଜଧାନୀ ରିୟାଦରେ ୧୨ ଆରବ ଏବଂ ଇସଲାମିକ୍ ଦେଶର ବୈଦେଶିକ ମନ୍ତ୍ରୀମାନେ ଇରାନର ବୃଦ୍ଧି ପାଉଥିବା ସାମରିକ ହସ୍ତକ୍ଷେପ ଉପରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇଥିଲେ । ବୈଠକ ପରେ ଜାରି ହୋଇଥିବା ଏକ ମିଳିତ ବିବୃତିରେ, ଆଜରବାଇଜାନ, ବାହାରିନ, ଇଜିପ୍ଟ, ଜୋର୍ଡାନ, କୁଏତ,



ଲେବାନନ, ପାକିସ୍ତାନ, କତାର ଏବଂ ସାଉଦି ଆରବ ସମେତ ରାଷ୍ଟ୍ର ମନ୍ତ୍ରୀମାନେ ଇରାନକୁ ଏହାର ଆକ୍ରମଣାତ୍ମକ କାର୍ଯ୍ୟ ବନ୍ଦ କରିବାକୁ ଏବଂ ଏହାର ପଡ଼ୋଶୀଙ୍କ ସୀମାକୁ ସମ୍ମାନ ଦେବାକୁ ଅନୁରୋଧ କରିଛନ୍ତି ।

ଇରାନର ଦକ୍ଷିଣ ପାର୍ସ କ୍ଷେତ୍ର ଉପରେ ଇସ୍ରାଏଲର ଆକ୍ରମଣ ପରେ, ଇରାନ କତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସରେ ଥିବା ଗ୍ୟାସ ପ୍ଲାଣ୍ଟଗୁଡ଼ିକୁ ଟାର୍ଗେଟ କରି ପ୍ରତିଶୋଧ ନେଇଛି । ଏହି ଆକ୍ରମଣଗୁଡ଼ିକ ଉପସାଗରୀୟ ଅଞ୍ଚଳରେ ଶକ୍ତି ଭିତ୍ତିଭୂମିକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି ଏବଂ ଆବାସିକ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ବୈଦେଶିକ ମନ୍ତ୍ରୀମାନେ କହିଛନ୍ତି ଯେ ଇରାନ ଜାଣିଶୁଣି ତୈଳ ସୁବିଧା, ଡିସାଲିନେସନ୍ ପ୍ଲାଣ୍ଟ ଏବଂ ବିମାନବନ୍ଦର ଭଳି ବେସାମରିକ ଲକ୍ଷ୍ୟସ୍ଥଳକୁ ଟାର୍ଗେଟ କରିଛି ।

କତାର ଏହାର ରାସ ଲାଫାନ ଶିଳ୍ପ ନଗରୀ ଉପରେ ଇରାନ ଆକ୍ରମଣକୁ ଏହାର ଜାତୀୟ ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ସିଧାସଳଖ ବିପଦ ବୋଲି ବର୍ଣ୍ଣନା କରିଛି । କତାର ସରକାରଙ୍କ ଅନୁଯାୟୀ, ଏହି ଆକ୍ରମଣ ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବ ୨୮୧୭ର ଏକ ଗମ୍ଭୀର ଉଲ୍ଲଂଘନ ଏବଂ ଅନ୍ତର୍ଜାତୀୟ ଶାନ୍ତିକୁ ବ୍ୟାହତ କରୁଛି । ମିଳିତ ବିବୃତିରେ ଇରାନକୁ ଚେତାବନୀ ଦିଆଯାଇଛି ଯେ, ଇରାନ ସହିତ *(ପୃଷ୍ଠା ୭ରେ)*

## ରବି ମିତ୍ତଲ ପ୍ରଧାନମନ୍ତ୍ରୀଙ୍କ ନୂଆ ଉପସଚିବ

ନୂଆଦିଲ୍ଲୀ, ୧୯ ।୩

କେନ୍ଦ୍ର ସରକାର ଛତିଶଗଡ଼ କ୍ୟାଡରର ୨୦୧୬ ବ୍ୟାଚର ଆଇଏଏସ ଅଧିକାରୀ ଡକ୍ଟର ରବି ମିତ୍ତଲଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି । ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଉପସଚିବ ଭାବରେ ନିଯୁକ୍ତି ଦିଆଯାଇଛି ।

ଡକ୍ଟର ରବି ମିତ୍ତଲ ଜଣେ ଅତ୍ୟନ୍ତ ଶାନ୍ତ ଏବଂ ତୃଣମୂଳ ସ୍ତରୀୟ ଅଧିକାରୀ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ସେ ଦିଲ୍ଲୀର ପ୍ରତିଷ୍ଠିତ ମୌଲାନା ଆଜାଦ ମେଡିକାଲ କଲେଜରେ ତାଙ୍କର ଏମ୍‌ବିବିଏସ ପାଠ୍ୟକ୍ରମ ସମାପ୍ତ କରିଥିଲେ । ଡାକ୍ତରୀ ବୃତ୍ତିକୁ ପଛରେ ପକାଇ, ସେ ସିଭିଲ୍ ସର୍ଭିସ୍‌ର ପଥ ବାଛିଥିଲେ ।

ସେ ପୂର୍ବରୁ ଯଶପୁରର କଲେକ୍ଟର ଭାବରେ ନିଯୁକ୍ତ ଥିଲେ । ଡକ୍ଟର ମିତ୍ତଲ ମହାସମୁନ୍ଦ, ରାଇଗଡ଼ ଏବଂ ରାଇପୁର ଜିଲ୍ଲାରେ ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏହା ସହିତ ସେ ୨୦୧୮ରେ ବାଗିଚାର ସବ-ଡିଭିଜନାଲ ମାଜିଷ୍ଟ୍ରେଟ ଭାବରେ କାର୍ଯ୍ୟ କରିଥିଲେ ।

# ବିଲୁପ୍ତପ୍ରାୟ ଶସ୍ୟର ପୁନଃରୁଦ୍ଧାର ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୯ ।୩
ନ୍ୟୁଜ୍ ବ୍ୟୁରୋ

ଜୈବ ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶାର ଖାଦ୍ୟ ଶସ୍ୟର ଏକ ଅନନ୍ୟ ପରିଚୟ ରହିଛି ନିଜର ପୁଷ୍ଟିକର ଓ ସ୍ୱାସ୍ଥ୍ୟପ୍ରଦ ଗୁଣବତ୍ତା ଯୋଗୁଁ । ସମୟକ୍ରମେ ଏଥିରୁ କିଛି ଖାଦ୍ୟ ବିସ୍ମୃତ ଓ ବିଲୁପ୍ତ ପ୍ରାୟ ଅବସ୍ଥାରେ ପହଁଚିଛି । ଏହାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଓଡ଼ିଶା ସରକାର ଆଗେଇ ଆସି ଓଡ଼ିଶାରେ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଶସ୍ୟର ପୁନଃରୁଦ୍ଧାର ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ଆଣିଛନ୍ତି । ଏହା ଓଡ଼ିଶାର ୧୫ଟି ଜିଲ୍ଲାର ୨୫ଟି ଜୈବ ବିବିଧତାରେ ପରିପୂର୍ଣ୍ଣ ବ୍ଲକ ଯଥା ଗନ୍ଧମାର୍ଦ୍ଦନ, ନିୟମଗିରି, ସୁନାବେଡା, ସାତକୋଶିଆ, ଗୁପ୍ତେଶ୍ୱର, ମାଲ୍ୟଗିରି ଓ ଶିମିଳିପାଳ ଭଳି ପ୍ରମୁଖ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଯାଉଛି । ପାରମ୍ପରିକ ଫସଲ ଓ ଦେଶୀ ବିହନ ପ୍ରଜାତି ଯାହା ପ୍ରଚଳିତ କୃଷିରୁ ଲୋପ ପାଇଯାଉଛି, ତାହାର ସଂରକ୍ଷଣ ଓ ପ୍ରୋତ୍ସାହନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।




ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟର ପୁନଃରୁଦ୍ଧାର ନିମନ୍ତେ ବୁଝାମଣାପତ୍ର ୱାଟରସେଡ୍ ସପୋର୍ଟ ସର୍ଭିସ୍ ଆଣ୍ଡ୍ ଆକ୍ଟିଭିଟିଜ ନେଟୱର୍କ (ୱାସନ) ସହ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଗୁରୁବାର ସ୍ୱାକ୍ଷରିତ ହୋଇଛି । ଏହି ଯୋଜନା ଆଗାମୀ ୫ ବର୍ଷ (୨୦୨୫-୨୬ ରୁ ୨୦୨୯-୩୦) ପାଇଁ ରହିଛି ଏବଂ ଏଥିପାଇଁ ମୋଟ ୨୪୭.୦୨୪ କୋଟି ଟଙ୍କା ରଖାଯାଇଛି ।

ଏହି ଅବସରରେ *(ପୃଷ୍ଠା ୭ରେ)*

## ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ଯାଞ୍ଚ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯ ।୩
ନ୍ୟୁଜ୍ ବ୍ୟୁରୋ

କଟକ ଏସସିବିରେ ଅଗ୍ନିକାଣ୍ଡ ପରେ ଆକ୍ସନ ମୁଡ଼କୁ ଆସିଛନ୍ତି ରାଜ୍ୟ ସରକାର । ମେଡିକାଲ କଲେଜ, ଡିଏଚ୍‌ଏଚ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ମାପ ଏବଂ ବୈଦ୍ୟୁତିକ ସୁରକ୍ଷା ଯାଞ୍ଚର ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଯଦି ଯାଞ୍ଚ ସମୟରେ କୌଣସି ତ୍ରୁଟି ଦେଖାଯାଏ, ତେବେ ହସ୍ପିଟାଲ ଭିତ୍ତିଭୂମି ଏବଂ ବାସିନ୍ଦାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରାଥମିକତା ଭିତ୍ତିରେ ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଭୋଟ୍ ଦେଇଛି

ଭୁବନେଶ୍ୱର, ୧୯ ।୩
ନ୍ୟୁଜ୍ ବ୍ୟୁରୋ

ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଭୋଟ ଦେଇଛି ବୋଲି ବସ୍ତାର ବିଜେଡି ବିଧାୟିକା ସୁବାସିନୀ ଜେନା କହିଛନ୍ତି । ଗୁରୁବାର ଏଠାରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ମୁଁ ଆମ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭୋଟ ଦେଇଛି । ମୁଁ ଗୋଟିଏ ଭୋଟ ସନ୍ତୃପ୍ତ ମିଶ୍ରଙ୍କୁ ଓ ଦ୍ୱିତୀୟ ଭୋଟଟି ଦିଲ୍ଲୀପ ରାୟଙ୍କୁ ଦେଇଛି । ଦିଲ୍ଲୀପ ରାୟଙ୍କୁ ଏଥିପାଇଁ ଦେଲି ଯେହେତୁ ମୋ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସହିତ ମୋର ଲଢେଇ ହେଉଛି । ଏହା ମୋ ବିବେକାନୁମୋଦିତ ଭୋଟ । ମୁଁ କେମିତି ଭୋଟ ଦେଇଛି ଆମ ଦଳର ଏଜେଣ୍ଟଙ୍କୁ ପଚାରନ୍ତୁ ବୋଲି ସେ କହିଥିଲେ ।

ଅନ୍ୟପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୁବାସିନୀଙ୍କ ମନ୍ତବ୍ୟକୁ କଡା କାଉଣ୍ଟର କରିଛନ୍ତି । ସେ କହିଛନ୍ତି ନବୀନ ପଟ୍ଟନାୟକ କହିଥିଲେ ସନ୍ତୃପ୍ତ ମିଶ୍ର ଓ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବାକୁ । ଦିଲ୍ଲୀପ ରାୟଙ୍କୁ ଭୋଟ ଦେବାକୁ ନବୀନ ପଟ୍ଟନାୟକ କହି ନଥିଲେ । ଚୋର ମୁହଁ ଟାଣ । ତାଙ୍କ ନିର୍ବାଚନ ମଣ୍ଡଳୀରେ ଯଦି କଂଗ୍ରେସ ସହିତ ଲଢ଼େଇ କଥା କହୁଛନ୍ତି, ବିଜେପି ସହିତ କଣ ତାଙ୍କର ବନ୍ଧୁତା ଥିଲା କି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି ।



# ତୈଳ ଦର ୧୧୨ ଡଲାରକୁ ବୃଦ୍ଧି

ନୂଆଦିଲ୍ଲୀ, ୧୯ ।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଶେଷ ହେବାର କୌଣସି ସମ୍ଭାବନା ଦେଖାଯାଉନଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମହଙ୍ଗା ହୋଇଛି । ଗୁରୁବାର ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୧୧୨ ଡଲାରକୁ ବୃଦ୍ଧି ପାଇଛି । ଇରାନର ବିଭିନ୍ନ ତୈଳ ଭଣ୍ଡାର ଉପରେ ପୁଣି ଥରେ ଆକ୍ରମଣ କରାଯାଉଥିବାରୁ ତେଲ ଦର ବଢ଼ିଛି । ବ୍ରେଣ୍ଟ୍ କ୍ରୁଡ୍ ବ୍ୟାରେଲ୍ ଦର ୧୧୨ ଡଲାରରୁ ଅଧିକ ହୋଇଛି । ଏଥି ସହିତ ପ୍ରାକୃତିକ ଗ୍ୟାସ୍ ମୂଲ୍ୟରେ ମଧ୍ୟ ୫ ପ୍ରତିଶତ ବୃଦ୍ଧି ଘଟିଛି ।

କିଛି ଦିନ ପୂର୍ବେ ବ୍ରେଣ୍ଟ୍ କ୍ରୁଡ୍ ଦାମ୍ ୧୨୦ ଡଲାର ପର୍ଯ୍ୟନ୍ତ ବଢ଼ିଥିଲା । ପରବର୍ତ୍ତୀ ସମୟରେ ସେଥିରେ ସୁଧାର ଘଟିଥିଲା ଓ ତାହା ୮୦ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇଥିଲା ।




ଯୁଦ୍ଧ ତୃତୀୟ ସପ୍ତାହରେ ପହଞ୍ଚିବା ପରେ ତାହା କିଛି ଦିନ ହେବ ୧୦୦ ଡଲାର ପାଖାପାଖି ଥିଲା । ଗୁରୁବାର ସେଥିରେ ହଠାତ୍ ବଡ଼ ଧରଣର ବୃଦ୍ଧି ଘଟିଛି । ଗୁରୁବାର ୟୁଏସ୍ ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ବ୍ୟାରେଲ୍ ପିଛା ଦର ୯୯.୩୫ ଡଲାରକୁ ବୃଦ୍ଧି ପାଇଛି ।

ଇରାନରେ ଥିବା ବିଶ୍ୱର ସର୍ବବୃହତ୍ ଗ୍ୟାସ୍ କ୍ଷେତ୍ର ସାଉଥ୍ ପାର୍ସ ଉପରେ ହୋଇଥିବା ଆକ୍ରମଣ ପାଇଁ ଆମେରିକା ଓ ଇସ୍ରାଏଲକୁ ଇରାନ ଦାୟୀ କରିଛି । ଏହାର କଡ଼ା ଜବାବ ଦିଆଯିବ ଏବଂ ସାଉଦି ଆରବ, କତାର ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଶକ୍ତି ଭିତ୍ତିଭୂମିଗୁଡ଼ିକ ଉପରେ ପ୍ରବଳ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇଛି । ଏହି ଦେଶଗୁଡ଼ିକର କେଉଁ କେଉଁ ତୈଳ ଭଣ୍ଡାର ଉପରେ ଆକ୍ରମଣ କରାଯିବ ତାହାର ଏକ ତାଲିକା ଇରାନ ଜାରି କରିଛି ।

## ସରକାରୀ ବସ୍ ଧକ୍କାରେ ୩ ମୃତ

ସୋରଡା, ୧୯ ।୩
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ସୋରଡା ଥାନା ପାଟପଲ୍ଲୀ ଗାଁ ନିକଟ ବାଉଁଶିଆ ଛକ ଠାରେ ସରକାରୀ ବସ୍ ସହିତ ବୁଲେଟ ବାଇକ୍ ମୁହାମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବୁଲେଟରେ ବସିଥିବା ତିନି ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକମାନେ ହେଲେ ମାଣିଆକାଟି ଗ୍ରାମର ଶଙ୍କର ଗୌଡ, ଟିଲୁ ଗୌଡ ଓ ଶିଲୁ ମୁଳି ।

ସୂଚନା ମୁତାବକ ଗୁରୁବାର ସନ୍ଧ୍ୟା ସାତଟା ସମୟରେ ମାଣିଆକାଟି ଗ୍ରାମର ତିନି ଜଣ ଯୁବକ ସୋରଡାରୁ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ବାଉଁଷିଆ ଛକ ଠାରେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ସରକାରୀ ବସ୍ ସହିତ ମୁହାମୁହିଁ ଧକ୍କା ହୋଇଥିଲା । ଫଳରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବିଭାଗ କି କେତେ ଭାଗ ଭାଇ
ଦଳ ହୁଏ ଗଡବଡ
ନିଇତି ଜନମେ କୁଆଡୁ ଗୋଟାଏ
ଭିତିରିଆ ଏଠି ଝଡ
ମୁହଁ ଫୁଟାଣିଟା ବଡ
କର୍ପୁର ଉଡିଛି କନାଟା ପଡିଛି
ହେଉଅଛି ଫଡଫଡ ।

# ସେୟାର ମାର୍କେଟରେ ହାହାକାର: ଗୋଟିଏ ଘଣ୍ଟାରେ ୭.୬ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ



ମୁମ୍ବାଇ, ୧୯ ।୩

ଭାରତୀୟ ଷ୍ଟକ ବଜାରରେ ଗୁରୁବାର ହାହାକାର ଦେଖିବାକୁ ମିଳିଛି । ବଜାର ଖୋଲିବାର ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ନିବେଶକମାନେ ପ୍ରାୟ ୭.୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ପ୍ରାରମ୍ଭିକ କାରବାରରେ, ଉଭୟ ବେଞ୍ଚମାର୍କ ସୂଚକାଙ୍କ ୨ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା । ସକାଳ ପ୍ରାୟ ୯:୨୩ ସମୟରେ, ବିଏସ୍‌ଇ ସେନସେକ୍ସ ୧,୫୪୮.୮୫ ପଏଣ୍ଟ ହ୍ରାସ ପାଇ ୭୫,୧୫୫.୨୮କୁ ପହଞ୍ଚିଥିଲା । ଏନ୍‌ଏସ୍‌ଇ ନିଫ୍ଟି ୫୦ ୪୫୮.୩୫ ପଏଣ୍ଟ ହ୍ରାସ ପାଇ ୨୩,୩୧୯.୪୫ରେ ପହଞ୍ଚିଥିଲା । ଗୁରୁବାର ବଜାରରେ ଯେଉଁ ହ୍ରାସ ଘଟିଛି ତାହା କୌଣସି ଗୋଟିଏ କାରଣ ଯୋଗୁ ନୁହେଁ ବରଂ ଅନେକ କାରଣ ଯୋଗୁ ହୋଇଛି । ଏଥିରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି, ବିଦେଶୀ ନିବେଶକଙ୍କ ଦ୍ୱାରା ନିରନ୍ତର ପ୍ରବାହ ଏବଂ ଦୁର୍ବଳ ବିଶ୍ୱ ସଙ୍କେତ ସାମିଲ ଅଛି ।

ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ସେୟାର ମାର୍କେଟ୍ ହ୍ରାସ ପଛରେ ଏକ ପ୍ରମୁଖ କାରଣ । ଇରାନ କତାରର ରାସ ଲାଫାନ ଶିଳ୍ପ ସହର, ସାଉଦି ଆରବର ରାସ ଟାନୁରା ରିଫାଇନାରୀ ଏବଂ ଜୁବେଲ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଏବଂ ୟୁଏଇର ହାବସାନ ଗ୍ୟାସ ସୁବିଧାକୁ ଟାର୍ଗେଟ କରିଥିଲା । ଏହି ସମୟରେ *(ପୃଷ୍ଠା ୭ରେ)*

## ଋଣଭାରରେ ବୁଡ଼ିଲା ଆମେରିକା: ଇରାନ ଯୁଦ୍ଧ ମଧ୍ୟରେ ଋଣ ୩୯ ଟ୍ରିଲିୟନ ଡଲାରକୁ ବୃଦ୍ଧି

ୱାଶିଂଟନ, ୧୯ ।୩

ଗତ ମାସରେ ଇସ୍ରାଏଲ ସହିତ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲା । ଆକ୍ରମଣକୁ ମାତ୍ର କିଛି ସପ୍ତାହ ବିତିଛି, କିନ୍ତୁ ଆମେରିକାର ଆର୍ଥିକ କ୍ଷତି କ୍ରମାଗତ ଭାବରେ ବୃଦ୍ଧି ପାଉଛି । ବିଶ୍ୱର ସବୁଠାରୁ ଧନୀ ଦେଶ ମଧ୍ୟ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି । ଏହାର ମୋଟ ଜାତୀୟ ଋଣ ରେକର୍ଡ ୩୯ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ସେତେବେଳେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଆମେରିକାର ଅର୍ଥନୀତିକୁ ପୁନଃ ସୁଧାରିବା ପାଇଁ କାମ କରୁଛନ୍ତି । ଏକ ପ୍ରମୁଖ ଟିକସ ଆଇନ ପାସ କରୁଛି, ପ୍ରତିରକ୍ଷା ଖର୍ଚ୍ଚ



ଏବଂ ପ୍ରବାସନକୁ କଡ଼ାକଡ଼ି କରୁଛି ଏବଂ ଋଣ ହ୍ରାସ କରିବାକୁ ଚେଷ୍ଟା କରୁଛି । ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ଆମେରିକାର ଋଣ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକାର ମୋଟ ଋଣ ୩୯ ଟ୍ରିଲିୟନ ଡଲାର ଭାରତର ମୋଟ ଅର୍ଥନୀତି ଅପେକ୍ଷା ୧୦ ଗୁଣା ଅଧିକ ।

32 YEARS
ସମ୍ବାଦ କଳିକା

# ପୁଟିନ୍‌ଙ୍କ ଭାରତକୁ ସମର୍ଥନ ଦେଖି ଟ୍ରମ୍ପ ଛାନିଆ !

ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ତୀବ୍ର କରୁଥିବାରୁ, ମଧ୍ୟପ୍ରାଚ୍ୟରେ ସଂଘର୍ଷ କ୍ରମଶଃ ଭୟଙ୍କର ହେବାରେ ଲାଗିଛି। ଇସ୍ରାଏଲ ଏକ ଇରାନୀ ଗ୍ୟାସ ପ୍ଲାଣ୍ଟ ଉପରେ ଆକ୍ରମଣ କରିବା ପରେ, ଇରାନ ଆରବ ରାଷ୍ଟ୍ରଗୁଡ଼ିକରେ ତୈଳ ଏବଂ ଗ୍ୟାସ ସୁବିଧାକୁ ଟାର୍ଗେଟ କରି ପ୍ରତିଶୋଧ ନେଇଥିଲା। ଫେବୃଆରୀ ୨୮ରୁ ଜାରି ରହିଥିବା ଏହି ସଂଘର୍ଷ ବିଶ୍ୱ ତୈଳ ଏବଂ ଗ୍ୟାସ ସଙ୍କଟକୁ ଆହୁରି ଘନିଷ୍ଠ କରିଛି। ଏହି ସମୟରେ, ଆରବ ରାଷ୍ଟ୍ରଗୁଡ଼ିକ ପ୍ରବଳ ଆର୍ଥିକ କ୍ଷତି ସହୁଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି, ରୁଷ ଭାରତକୁ ମଧ୍ୟସ୍ଥତା କରିବାକୁ ଏବଂ ଶତ୍ରୁତାର ଅନ୍ତ ଆଣିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛି। ଉଲ୍ଲେଖଯୋଗ୍ୟ, ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷ ବନ୍ଦ କରିବା ପାଇଁ ଭାରତକୁ ମଧ୍ୟସ୍ଥତା କରିବାକୁ ଅନୁରୋଧ କରିବା ସମୟରେ, ରୁଷ କହିଛି ଯେ ଭାରତ ଭଳି ଏକ ଶକ୍ତିଶାଳୀ ରାଷ୍ଟ୍ର ଯୁଦ୍ଧକୁ ବନ୍ଦ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରୁଷ ଦୃଢ଼ ଭାବରେ କହିଛି ଯେ ଆମେରିକା ଏବଂ ଇସ୍ରାଏଲ ଇରାନ ବିରୁଦ୍ଧରେ ବିନା ପ୍ରରୋଚନାରେ ଆକ୍ରମଣ ଆରମ୍ଭ କରିଛନ୍ତି। ସଂଘର୍ଷ ବର୍ତ୍ତମାନ ତିନି ସପ୍ତାହ ଧରି ଜାରି ରହିଛି, ଏବଂ ସମଗ୍ର ବିଶ୍ୱ ଏହାର ପରିଣାମର ଭାର ବହନ କରୁଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଦ୍ୱାରା ସୃଷ୍ଟି ହୋଇଥିବା ସଙ୍କଟର ସମାଧାନ ଖୋଜିବା ପାଇଁ ଅନ୍ତର୍ଜାତୀୟ ସମୁଦାୟକୁ ଆଗକୁ ବଢିବାକୁ ପଡିବ। ସେ ଆହୁରି ମଧ୍ୟ କହିଛନ୍ତି, "ଭାରତ ଭଳି ଏକ ପ୍ରଭାବଶାଳୀ ଶକ୍ତି ନିଶ୍ଚିତ ଭାବରେ ଏହି କ୍ଷେତ୍ରରେ ନିଜର ଭୂମିକା ଗ୍ରହଣ କରିବାକୁ ସକ୍ଷମ।" ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତ ସଂଘର୍ଷର ସମାଧାନ ପାଇଁ ଆଲୋଚନା ଏବଂ ଆଲୋଚନାର ପଥକୁ ନିରନ୍ତର ସମର୍ଥନ କରିଆସିଛି। ରୁଷ ଇରାନ ସହିତ ଏହାର ଗୁପ୍ତଚର ଏବଂ ସାମରିକ ସହଯୋଗକୁ ବିସ୍ତାର କରୁଛି ବୋଲି ଜଣାପଡିଛି, ଏହାକୁ ସାଟେଲାଇଟ ଚିତ୍ର ଏବଂ ଉନ୍ନତ ଡ୍ରୋନ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦେଉଛି। ଏହି ଦାବି ଏକ ଆମେରିକୀୟ ଗଣମାଧ୍ୟମ ରିପୋର୍ଟରେ କରାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ସହଯୋଗର ଉଦ୍ଦେଶ୍ୟ ହେଉଛି ଏହି ଅଞ୍ଚଳରେ ଅବସ୍ଥାପିତ ଆମେରିକୀୟ ସେନାକୁ ଟାର୍ଗେଟ କରିବାରେ ଇରାନକୁ ସହାୟତା କରିବା। ତଥାପି, ଏହି ରିପୋର୍ଟ ଏପର୍ଯ୍ୟନ୍ତ ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇ ନାହିଁ। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ଏବଂ ତେହେରାନର ପରବର୍ତ୍ତୀ ପ୍ରତିଶୋଧମୂଳକ ଆକ୍ରମଣ ପୂର୍ବରୁ, ଭାରତ ଏହାର ଅଶୋଧିତ ତୈଳ ଆମଦାନୀର ଅଧାରୁ ଅଧିକ, ଏହାର ଗ୍ୟାସ ଆମଦାନୀର ପ୍ରାୟ ୩୦% ଏବଂ ଏହାର ୮୫-୯୦% ଏଲପିଜି ଆମଦାନୀ ସାଉଦି ଆରବ ଏବଂ ୟୁଏଇ ଭଳି ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରୁ କରିଥିଲା। ଚାଲିଥିବା ସଂଘର୍ଷର ପରିଣାମ ସ୍ୱରୂପ ହର୍ମୁଜ ପ୍ରଣାଳୀ ଅବରୋଧିତ ହୋଇଛି, ଯାହା ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ଶକ୍ତି ଯୋଗାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧମନୀ। ଭାରତ ରୁଷ ଭଳି ଅନ୍ୟ ଦେଶରୁ ଯୋଗାଣ ଆମଦାନୀ କରି ଅଶୋଧିତ ତୈଳର ଅଭାବକୁ ଆଂଶିକ ଭାବରେ ପୂରଣ କରିଛି। ଭାରତ ଏହାର ପ୍ରାୟ ୮୮% ଅଶୋଧିତ ତୈଳ ଆବଶ୍ୟକତା, ୫୦% ପ୍ରାକୃତିକ ଗ୍ୟାସ ଏବଂ ୬୦% ଏଲପିଜି ଆମଦାନୀ କରେ। ଆମେରିକା ଏବଂ ଇସ୍ରାଏଲ ସହିତ ସଂଘର୍ଷରେ ଇରାନ ନିରନ୍ତର ପରାଜୟ ଭୋଗୁଛି। ଇସ୍ରାଏଲୀ ସମ୍ବାଦପତ୍ର ଦି ଟାଇମ୍ସ ଅଫ ଇସ୍ରାଏଲର ଏକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ସେନା ବୁଧବାର ଇରାନରେ ଅବସ୍ଥିତ ବିଶ୍ୱର ସର୍ବବୃହତ ଗ୍ୟାସ କ୍ଷେତ୍ର ସାଉଥ ପାର୍ସ ଉପରେ ଆକ୍ରମଣ କରିଥିଲା। ସାଉଥ ପାର୍ସ ଗ୍ୟାସ କ୍ଷେତ୍ର ଉପରେ ଆକ୍ରମଣ ପରେ, ତେଲ ଏବଂ ପ୍ରାକୃତିକ ଗ୍ୟାସର ମୂଲ୍ୟ ବୃଦ୍ଧି ପାଇଛି। ବୁଧବାରର ଆକ୍ରମଣ ପରେ, ଅଶୋଧିତ ତୈଳ ମୂଲ୍ୟ ୬.୩ ପ୍ରତିଶତ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୧୦୯.୯୫ ରେ ପହଞ୍ଚିଛି। ଏହି ସମୟରେ, ୟୁରୋପରେ ଗ୍ୟାସ ମୂଲ୍ୟ ୯.୩ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗ୍ୟାସ କ୍ଷେତ୍ର ଲକ୍ଷ୍ୟଭେଦୀ ଆକ୍ରମଣର ଶିକାର ହେଉଛି। ତଥାପି, ଏହା ସ୍ପଷ୍ଟ ନୁହେଁ ଯେ ଏହି ଆକ୍ରମଣ ଆମେରିକା ଦ୍ୱାରା କରାଯାଇଥିଲା କି ଇସ୍ରାଏଲ ଦ୍ୱାରା କରାଯାଇଥିଲା। ତଥାପି, ଆମେରିକା ଦକ୍ଷିଣ ଇରାନରୁ ନିରନ୍ତର ଆକ୍ରମଣ ଆରମ୍ଭ କରିଆସୁଛି; ଏହା ପୂର୍ବରୁ, ଏହା ଏକ ପ୍ରମୁଖ ତୈଳ ସଂରକ୍ଷଣ କେନ୍ଦ୍ର ଖାର୍ଗ ଦ୍ୱୀପକୁ ଟାର୍ଗେଟ କରିଥିଲା।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୦)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଶୀତ ଶତ ପ୍ରତିକୂଳର ପରିସ୍ଥିତିରେ ଯିଏ ହାରିନଯାଇ ଜୀବନ ସଂଗ୍ରାମ ଜାରି ରଖେ,କେବଳ ସେହି ବ୍ୟକ୍ତି ହିଁ ଦିଗବିଜୟ ସମ୍ରାଟଙ୍କ ଭଳି ସଂସାରରେ ପ୍ରତିଷ୍ଠିତ ହୁଏ। ଏହି ଭଳି ବହୁ ଆଶା, ଭରସା ଓ ନିରାଶାର ଦ୍ୱନ୍ଦ୍ୱ ମଧ୍ୟରେ ଇତଃସ୍ତତ ବିଚରଣ କରୁଛନ୍ତି ରାଜ୍ୟଉଦ୍ୟାନ ମଧ୍ୟରେ ରାମଚନ୍ଦ୍ରଦେବ। ଏହିପରି କିଛି ସମୟ ଅତିବାହିତ ହେବାପରେ ଦୂରକୁ ଚାହିଁ ଦେଖିଲେ ଯେ କିଛି ଲୋକ କ୍ଷୀପ୍ର ଗତିରେ ରାଜଭବନ ଆଡକୁ ଚାଲି ଆସୁଛନ୍ତି । ମୁଣ୍ଡରେ ସମସ୍ତଙ୍କର ନାଲି ପଗଡି । ପିନ୍ଧିଛନ୍ତି ଲାଲ ରଙ୍ଗର ବସ୍ତ୍ର ଦେହରେ ଆଛାଦିତ ହୋଇଛି ଲାଲ ବର୍ଣ୍ଣର ଗାମୁଛା । ସମସ୍ତଙ୍କ ହାତରେ ଗୋଟିଏ ଗୋଟିଏ ଶକ୍ତିଶାଳୀ ଠେଙ୍ଗା । ନିକଟତର ହେବା ପରେ ରାମଚନ୍ଦ୍ରଦେବ ନିଜ କପାଳରୁ ଶ୍ରମ ଝାଳ ପୋଛିଦେଲେ । ନୁଖୁରା କେଶକୁ ଟିକିଏ ହାତରେ ସଜାଡୁଥାନ୍ତି । ଠିକ୍ ଏହି ସମୟ ମଧ୍ୟରେ ରାମଚନ୍ଦ୍ରଦେବ ଦାରୁ ସନ୍ଧାନ ପାଇଁ ପଠାଇଥିବା ମନ୍ଦିରରୁ କିଛି କର୍ମଚାରୀମାନେ ଆସି ରାଜାଙ୍କୁ ପ୍ରଣାମ କରି କହିଲେ,ଆମେ ଏକ ଅଜ୍ଞାତ ଗ୍ରାମ ନିକଟରେ ଥିବା ବଡ ଉଇ ହୁଙ୍କା ନିକଟରୁ ଦାରୁର ସନ୍ଧାନ ପାଇଛୁ, ମଣିମା, ଆପଣ ଯେଉଁ ଲକ୍ଷଣ ଗୁଡିକ ଦାରୁରେ ରହିଥିବା ଆବଶ୍ୟକ ବୋଲି ନିର୍ଦ୍ଦେଶ କରିଥିଲେ, ଠିକ୍ ସେହି ସମସ୍ତ ଲକ୍ଷଣ ଆମେ ଚିହ୍ନିତ କରିଥିବା ଦାରୁବୃକ୍ଷରେ ରହିଛି । ଆପଣ ନିଜେ ସେ ସ୍ଥାନକୁ ଗଲେ ସବୁ ଦେଖିପାରିବେ । ଶ୍ରୀମନ୍ଦିରର କର୍ମକର୍ତ୍ତାମାନଙ୍କଠାରୁ ଦାରୁ ସନ୍ଧାନର ପ୍ରସଙ୍ଗ ଗୁଡିକ ସବୁ ଶ୍ରବଣ କରିବାପରେ ତାହାର ବାସ୍ତବତାକୁ ନିଜ ଆଖିରେ ନଦେଖିବା ପର୍ଯ୍ୟନ୍ତ ହଠାତ୍ ବିଶ୍ୱାସ କରିବା ଉଚିତ୍ ନୁହେଁ ଚିନ୍ତାକରି ରାଜନଗର ମଧ୍ୟକୁ ପ୍ରବେଶ କଲେ ।



ଠିକ୍ ଏହି ରାତିରେ ଶ୍ରୀମନ୍ଦିରର ସମସ୍ତ ପୂଜକଙ୍କ ସହିତ ମୁକ୍ତିମଣ୍ଡପର ସମସ୍ତ ପଣ୍ଡିତଙ୍କ ସାଥୀରେ ଆଲୋଚନା କରି ସେହି ଅଜ୍ଞାତ ଜନପଦକୁ ଯାତ୍ରା କରିବା ପାଇଁ ସ୍ଥିର କଲେ । ରାତିରେ, ଯାତ୍ରା କିପରି ପ୍ରତ୍ୟୁଷରୁ କରିବେ ତାହାର ଶୁଭ ମୁହୂର୍ତ୍ତ ସ୍ଥିର କଲେ ପଣ୍ଡିତ ମଣ୍ଡଳି । ରାତି ପାହି ସକାଳ ହେଲା । ରାଜା ରାମଚନ୍ଦ୍ରଦେବଙ୍କ ସାଥିରେ ସମସ୍ତ ପାତ୍ର ମନ୍ତ୍ରୀ ଏକ ସମୟରେ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ସେହି ଅଜଣା ସ୍ଥାନକୁ ଯାତ୍ରା କଲେ । ଜାଗାଟିକୁ ଚିହ୍ନଟ କରିଥିବା କର୍ମଚାରୀମାନେ ଆନନ୍ଦରେ ଯାତ୍ରା କରୁଥାନ୍ତି । ପ୍ରତି ମୁହୂର୍ତ୍ତରେ ଜୟ ଜଗନ୍ନାଥ ଧ୍ୱନିରେ ସମସ୍ତେ ବିଭୋର ହେଉଥାନ୍ତି । ଲକ୍ଷ୍ୟସ୍ଥଳ ଆସି ଅତି ନିକଟରେ ହୋଇଗଲା । ନିର୍ଜନ ପ୍ରାନ୍ତର, ବହୁଦୂରରେ ରହିଛି ଅନେକ ଗ୍ରାମ, ଯାହାକି ଗୋଟାଏ ଘନ ସବୁଜ ବଳୟର ଉତ୍ତୁଙ୍ଗ ପ୍ରାଚୀର ଭଳି ପ୍ରତୀୟମାନ ହେଉଥାଏ । ସେହି ପଲ୍ଲୀମାନଙ୍କରୁ କୌଣସି କୋଳାହଳ ବି ଶୁଭୁନଥାଏ । କିଛିବାଟ ଗଲା ପରେ ହଠାତ୍ ଅଟକିଗଲେ ଓ ଚିହ୍ନଟ କରିଥିବା ବ୍ୟକ୍ତିମାନେ ସେହି ନିମ୍ବଗଛଟିକୁ ମହାରାଜା ରାମଚନ୍ଦ୍ରଦେବଙ୍କୁ ଦେଖାଇ କହିଲେ, ହେ ମଣିମା,ଏ ହେଉଛି ସେହି ନିମ୍ବଗଛ । ଏହି ଦେଖନ୍ତୁ ନିମ୍ବଗଛ ମୂଳରେ ଗୋଟିଏ ବିଶାଳକାୟ ହୁଙ୍କା ରହିଛି । ଆପଣମାନେ କୌଣସି ଶବ୍ଦ ନକରି ଧୀରସ୍ଥିର ଭାବରେ ନିମ୍ବଗଛ ନିକଟକୁ ଆସନ୍ତୁ । ଠିକ୍ ସେହି ପରାମର୍ଶ ଅନୁସାରେ ରାଜାଙ୍କ ସହିତ ସମସ୍ତ କର୍ମକର୍ତ୍ତା କୌଣସି ଶବ୍ଦ ନକରି ନିମ୍ବଗଛ ନିକଟରେ ପହଁଞ୍ଚିଲେ । ନିମ୍ବଗଛ ମୂଳରେ ଏକତ୍ରୀତ ହୋଇଥିବା ଲୋକଙ୍କର ପାଦ ଶବ୍ଦକୁ ଶୁଣି ଗୋଟିଏ ବିଶାଳକାୟ ନାଗ ଧୀରେ ଧୀରେ ହୁଙ୍କା ମଧ୍ୟରୁ ବାହାରି ଚତୁଃର୍ଦ୍ଦିଗକୁ କିଛି ସମୟ ନିରୀକ୍ଷଣ କରି ସେହି ନିମ୍ବଗଛ ଉପରକୁ ଉଠିବାକୁ ଲାଗିଲା। ନିମ୍ବଗଛ ଉପରକୁ ଉଠିବା ବେଳେ ସାପଟି ଏପରି ସୁସୁ ଶବ୍ଦ କରୁଥିଲା ଯେ ବୃକ୍ଷଟିରେ କେହି ଜଣେ ହେଲେ ସ୍ପର୍ଶ କରିବାକୁ ଇଛା କଲେ ନାହିଁ । ଗଛଟିର ମଧ୍ୟ ଭାଗରେ ଯେଉଁ ଆୟୁଧ ଗୁଡିକ ଦୃଶ୍ୟ ହେଉଥିଲା ସେଗୁଡିକ ଭଲଭାବରେ ଦେଖିବାପରେ ବୃକ୍ଷଟିର ଗଣ୍ଡିରେ ପ୍ରତିମା ଗୁଡିକ ନିର୍ମିତ ହୋଇପାରିବ ବୋଲି ରାଜାଙ୍କ ସାଥୀରେ ଯାଇଥିବା ସମସ୍ତ ପଣ୍ଡିତ ମଣ୍ଡଳି ରାଜାଙ୍କୁ ପରାମଶ ଦେଲେ ।(କ୍ରମଶଃ ...)

# ବୁଢ଼ାମାନଙ୍କ ବାଳୁତ କାଳ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଟିନ୍ ଏଜ୍‌ରେ ଶିଶୁ କିଶୋରରେ ପରିଣତ ହେଉଛି । ସେହି ଅବସ୍ଥାଟାକୁ କେମିତି ହ୍ୟାଣ୍ଡଲ୍ କରିବ ତାହା ବୁଝି ନପାରି ପିଲାଟିଏ ପ୍ରାଣପଣେ ତାର ନିଜ କମ୍ଫର୍ଟ ଜୋନ ଶୈଶବ କାଳକୁ ଜାବୁଡି ଧରିରଖିବା ପାଇଁ ଚାହେଁ । ଯେଉଁମାନ ଚାଳିଶରୁ ପଚାଶ ବୟସରେ ପହଞ୍ଚିଛନ୍ତି, ସଦ୍ୟ ବାର୍ଦ୍ଧକ୍ୟ ଆଡକୁ ଗୋଡ ପକେଇଛନ୍ତି ସେମାନେ ଠିକ୍ ସେଇ ଅବସ୍ଥାରେ ଅଛନ୍ତି । ଦେହ କହିଲାଣି ଯେ ମୁଁ ଏବେ ବୁଢ଼ା ହେଲିଣି କିନ୍ତୁ ଏଇ ବୁଢ଼ା ହବାର ଭାବନାଟାକୁ ଏଇ ବୟସର ଲୋକମାନେ ସ୍ୱୀକାର କରିବାପାଇଁ ଚାହାଁନ୍ତି ନାହିଁ । ପ୍ରାଣପଣେ ଚେଷ୍ଟା କରନ୍ତି ଆଉ ଗୋଟିଏ ଦିନ, ଆଉ ଗୋଟିଏ ସପ୍ତାହ, ଆଉ ଗୋଟିଏ ମାସ ମୁଁ ଯଦି ତାରୁଣ୍ୟକୁ ଧରି ରଖିପାରେ ।

ସେଥିପାଇଁ ଯାହା ଦରକାର ତାହା ଏଇ ବୟସର ଲୋକମାନେ କରନ୍ତି । ଡାଏଟିଂ କରନ୍ତି, ଯୋଗ କରନ୍ତି, ବ୍ୟାୟାମ କରନ୍ତି, ଯୁବ ସୁଲଭ ଲୁଗାପଟା ପିନ୍ଧନ୍ତି, ଯୁବ ସୁଲଭ କାରବାର କରନ୍ତି । ଟିନ୍‌ଏଜ୍‌ରେ ଯେଉଁ ହରମୋନଗୁଡିକର ଜାଗରଣ ଜୀବନରେ ସ୍ଥିରତାର ଅଭାବ ଆଣି ଦେଉଥିଲା ଏବେ ସେ ଗୁଡିକ କ୍ରମଶଃ ଶୋଇପଡିବା ଆଡକୁ ଯାଉଛନ୍ତି । ଦେହରେ କିଛି ବଳିରେଖା ଦିଶିଲାଣି । ମାଂସପେଶୀ ଢ଼ିଲା ହେଇ ଆସିଲାଣି । ଏ ହେଉଛି ୪୦ ରୁ ୫୦ ବୟସର ଅବସ୍ଥା ।

ଟିନ୍-ଏଜ୍ ତଥାପି ଭଲ । କାରଣ ସେତେବେଳେ ଜାଣିବାର ଇଛା ପ୍ରବଳ, ଚିହ୍ନିବାର ଇଛା ଅତ୍ୟନ୍ତ ଦୁର୍ଦ୍ଦମ ଆଉ ଜୀବନ ତମକୁ ସେ ସୁଯୋଗ ଦଉଛି । ବୁଢ଼ା ବୟସରେ ଯାହା ଜୀବନରେ ତୁମର ଜାଣିବାର ଥିଲା ଜାଣି ସାରିଲଣି । ବୁଝିବାର ଥିଲା ବୁଝିସାରିଲଣି । ଏବେ ସେଇ ଜାଣିବାକୁ ବୁଝିବାକୁ ନେଇ ବାକି ଜୀବନତକ ଚାଲିବାକୁ ପଡିବ । ଏକ କ୍ଲାନ୍ତିକର ଯାତ୍ରା ସିଏ ।

ଖିଆଲ କରି ଦେଖିବେ ଯେ ଚାଳିଶରୁ ପଚାଶ ବୟସର ଲୋକମାନେ ବଡ କ୍ଲାନ୍ତ । ଟିନ୍‌ଏଜ୍‌ରେ ପହଂଚିଥିବା ପିଲାମାନଙ୍କୁ ବୟସ୍କମାନେ ଯେମିତି ଛୁଆବୋଲି ଭାବନ୍ତି ଆଉ ଛୁଆମାନେ ଯେମିତି ସେମାନଙ୍କୁ ବଡ ବୋଲି ଭାବନ୍ତି ଏ କେଶ୍‌ରେ ମଧ୍ୟ ଠିକ୍ ସେଇଆ । ଯେଉଁମାନେ ଷାଠିଏ ଉପରକୁ ଗଲେଣି, ବୁଢ଼ା ହେଲେଣି - ସେମାନେ ଚାଳିଶ-ପଚାଶ ବର୍ଷ ଲୋକଙ୍କୁ ଭାବନ୍ତି ପିଲା । ଆଉ ଯେଉଁମାନେ କୋଡିଏ, ତିରିଶ, ପଇଁତିରିଶ ସେମାନେ ଚାଳିଶରୁ ପଚାଶ ବୟସର ଲୋକଙ୍କୁ ଭାବନ୍ତି ବୁଢ଼ା । ଏ ବୟସର ଲୋକମାନଙ୍କ ଭିତରେ ରହିଛନ୍ତି ଏମିତି କିଛି ମଣିଷ ଯେଉଁମାନେ ପିଲାବେଳର ନଷ୍ଟାଲଜାରେ ଭୋଗୁଛନ୍ତି । ବାରବାର ତାଙ୍କ କଥାବାର୍ତ୍ତାରେ ପଶିଆସେ - ଏବେକାର ପିଲାମାନେ ଆଦୌ ଭଲ ନୁହନ୍ତି, ଏବେକାର ପିଲାମାନେ ପାଠ ପଢୁନାହାନ୍ତି, ଏବେକାର ପିଲାମାନେ ବଡମାନଙ୍କୁ ମାନୁ ନାହାନ୍ତି ଆଉ ଜାଣିଛୁ ତା ସହିତ ମୋର ସୁଗାରଟା ବଢ଼ିଲାଣି। ଜାଣିଛୁ ମୁଁ ଏବେ ନୂଆ ବ୍ୟାୟାମ କଲାପରେ ମୋ ବିପି (ବ୍ଲଡ୍ ପ୍ରେସର) ଟିକିଏ କମିଲାଣି। ଏହି ଦୁଇପ୍ରକାର ଆଲୋଚନା ସେମାନଙ୍କର ସବୁଠାରୁ ବେଶୀ । ତାଙ୍କ ବାପା ମା' ମାନେ ବୁଢ଼ା ହେଉଛନ୍ତି, ଅସୁସ୍ଥ ହେଉଛନ୍ତି ସେକଥା ବି ତାଙ୍କ ଆଲୋଚନା ଭିତରକୁ ଆସେ । ଆଉ ଏଇ ବୟସର ଲୋକମାନେ କ୍ରମଶଃ ଆହୁରି କ୍ଲାନ୍ତ ହେଇଯାଆନ୍ତି । ଅଫିସ୍‌ର ଟେନସନ୍, କାମର ଟେନସନ ମିଡଲାଇଫ କ୍ରାଇସେସ୍ ଆଉ ସମୟ ଚାଲିଯାଉଛି, ଜୀବନରେ ଯାହା କରିବି ବୋଲି ଭାବିଥିଲି ସେମିତି କିଛି କରିହେଲା ନାହିଁ, ଇଆଡେ ବେଳ ଗଡିଯାଉଛି, ଏଇ ଅବସ୍ଥାରେ ଏ ଯେଉଁ ଚାଳିଶରୁ ପଚାଶ ପ୍ରାକ୍ ପ୍ରୌଢ଼ ବୟସ ଟିନ୍‌ଏଜଠୁ ଆହୁରି କନଫ୍ୟୁଜିଂ ବୟସ ।

ମ୍ୟାନେଜମେଣ୍ଟରେ ଅନେକ ସମୟରେ ସ୍ୱଟ (swot- ଷ୍ଟ୍ରେଙ୍ଗଥ୍, ଉଇକ୍‌ନେସ୍, ଅପର୍ଚୁନିଟି ଆଉ ଥ୍ରେଟ ) ଆନାଲିସିସ୍ କରାଯାଏ । ଏ ବୟସର ଲୋକମାନେ ଜାଣିଯାଇଛନ୍ତି ତାଙ୍କର ତାଙ୍କର ଶକ୍ତି କ'ଣ ? ଆଉ ତାଙ୍କର ଦୁର୍ବଳତାଗୁଡିକ କ'ଣ । ଏ ବୟସର ଲୋକଙ୍କ ସାମ୍ନାରେ ସେମିତି କିଛି ନୂଆ ସମ୍ଭାବନା ଦିଶେ ନାହିଁ । ଦିଶେ କେବଳ ଆଦିଗନ୍ତ ବିସ୍ତୃତ ଥ୍ରେଟ୍ । ସେମାନଙ୍କୁ ଯେଉଁ ଥ୍ରେଟ, ତାହା ସେମାନଙ୍କୁ ରିସ୍କ ନେବାପାଇଁ ମନାକରେ, ସେମାନଙ୍କୁ ଡରାଏ, ତାଙ୍କର ଚିହ୍ନା ଏରିଆ କମ୍ଫର୍ଟ ଜୋନ ବାହାରକୁ ଯିବାପାଇଁ ମନାକରେ । ତା' ସହିତ ଯୋଡି ହୋଇଯାଏ ପିଲାମାନଙ୍କର ପଢ଼ାପଢ଼ି, ଘରର ଇଏମଆଇ । ନିଜର କ୍ରମବର୍ଦ୍ଧମାନ ଶାରୀରିକ ସମସ୍ୟା ଆଉ ଅଦଭୁତ୍ ସବୁ ଭୟ । କେବେ ମୁଁ ଚାଲିଯିବିକି । ମୁଁ ଚାଲିଗଲେ ମୋ ପିଲାମାନଙ୍କର କ'ଣ ହେବ ? ପିଲାମାନେ ତ ଏପର୍ଯ୍ୟନ୍ତ ନିଜ ଗୋଡରେ ଛିଡା ହେଇ ନାହାନ୍ତି । ମୁଁ ଚାଲିଗଲେ ମୋ ବାପା ମା'ଙ୍କର ଅବସ୍ଥା କ'ଣ ହେବ ? ସେମାନେ ତ ବୁଢ଼ା ହୋଇଗଲେଣି । ଏଇସବୁ ଭୟ ଏ ବୟସର ମଣିଷମାନଙ୍କୁ ଲାଇଫ ଇନସ୍ୟୁରାନ୍‌ସର ପ୍ରିମିୟମ ବଢ଼ାଇବା ପାଇଁ କହେ । ମେଡିକ୍ଲେମରେ ହଜାର ହଜାର ଟଙ୍କାର ଇନସ୍ୟୁରାନ୍‌ସ କରିବାପାଇଁ ବାଧ୍ୟ କରେ । ଦିନ ଶେଷରେ ସେମାନେ ମୋଟିଭେସନାଲ ସ୍ପିକରମାନଙ୍କୁ ଶୁଣନ୍ତି, ପ୍ରବଚକମାନଙ୍କୁ ଶୁଣନ୍ତି, ମନ୍ଦିରକୁ ବି ଯାଆନ୍ତି; ସକାଳେ ଯୋଗ କରନ୍ତି ପୁଣି ସନ୍ଧ୍ୟାବେଳେ ହାଏ ମୋ ଜୀବନଟା ଚାଲିଯାଉଛି ମୁଁ ତ କିଛି ଉପଭୋଗ କଲିନାହିଁ ଭାବି ପାନଶାଳାକୁ ମଧ୍ୟ ଚାଲିଯାଆନ୍ତି । ମୁଁ ଏ ବୟସଟା ପାରେଇ ଆସିଛି । ସେଇଥିପାଇଁ କହୁଛି ଏ ବଡ ସୁଖର ସମୟ ନୁହଁ ।

# ଇଚ୍ଛାମୃତ୍ୟୁ - ଜୀବନର ଅନ୍ତ ନା ସମ୍ମାନର ସହ ବିଦାୟ



ବିଶ୍ୱନାଥ ପାଢୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ସତ୍ୟବାଦୀ, ପୁରୀ
୯୨୩୮୮୩୧୬୫୮

ମୃତ୍ୟୁ ଶାଶ୍ୱତ, କିନ୍ତୁ ସେହି ମୃତ୍ୟୁକୁ ବରଣ କରିବାର ଅଧିକାରକୁ ନେଇ ସାରା ବିଶ୍ୱରେ ବିତର୍କ ଜାରି ରହିଛି। ଜଣେ ବ୍ୟକ୍ତି ଅସାଧ୍ୟ ରୋଗରେ ପୀଡ଼ିତ ହୋଇ ଅସହ୍ୟ ଯନ୍ତ୍ରଣା ଭୋଗୁଥିବା ବେଳେ, ମୃତ୍ୟୁ ହିଁ ତାଙ୍କ ପାଇଁ ଶେଷ ଆଶ୍ରୟ ପାଲଟିଥାଏ। ଏହି ପ୍ରସଙ୍ଗରେ ବିଭିନ୍ନ ଦେଶର ନିୟମ ଓ ସାମାଜିକ ଦୃଷ୍ଟିକୋଣ ଭିନ୍ନ ଭିନ୍ନ।

ବୈଜ୍ଞାନିକ ଦୃଷ୍ଟିକୋଣରୁ 'ଇଚ୍ଛାମୃତ୍ୟୁ' ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବୈଜ୍ଞାନିକ ନାମ ନାହିଁ, କାରଣ ବିଜ୍ଞାନ ମୃତ୍ୟୁକୁ ଏକ ଜୈବିକ ପ୍ରକ୍ରିୟାର ଅନ୍ତ ବୋଲି ମାନେ। ତଥାପି, ଚିକିତ୍ସା ବିଜ୍ଞାନ ଓ ଆଇନ କ୍ଷେତ୍ରରେ ଏହାକୁ ୟୁଥାନାସିଆ ବୋଲି କୁହାଯାଏ। ଏହା ଗ୍ରୀକ୍ ଶବ୍ଦ ଉଙ୍କ (ଭଲ) ଏବଂ thanatos (ମୃତ୍ୟୁ) ରୁ ଆସିଛି। ଏହାର ଅର୍ଥ ହେଉଛି 'ସୁଖଦ ମୃତ୍ୟୁ'। ସାଧାରଣତଃ ଏହା ଭିନ୍ନଭିନ୍ନ ପ୍ରକାରର, ଯଥା ୧. ସକ୍ରିୟ ଇଚ୍ଛାମୃତ୍ୟୁ : କୌଣସି ଔଷଧ ବା ଇଞ୍ଜେକ୍ସନ ପ୍ରୟୋଗ କରି ମୃତ୍ୟୁ ଘଟାଇବା। ୨. ନିଷ୍କ୍ରିୟ ଇଚ୍ଛାମୃତ୍ୟୁ : ରୋଗୀକୁ ବଞ୍ଚାଇ ରଖିଥିବା ଜୀବନରକ୍ଷାକାରୀ ଯନ୍ତ୍ର ବା ଚିକିତ୍ସାକୁ ବନ୍ଦ କରିଦେବା। ୩. ସ୍ୱେଚ୍ଛାକୃତ ସହାୟକ ମୃତ୍ୟୁ : ଅସାଧ୍ୟ ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଡାକ୍ତରୀ ସହାୟତାରେ ନିଜ ଜୀବନ ଶେଷ କରିଦେବା। ୪ . ଆପୋପ୍ଟୋସିସ୍ : ଯଦିଓ ଏହା ସମ୍ପୂର୍ଣ୍ଣ ମଣିଷ ପାଇଁ ନୁହେଁ, କିନ୍ତୁ ଶରୀରର କୋଷଗୁଡ଼ିକ ନିଜକୁ ନିଜେ ନଷ୍ଟ କରିଦେବା, ଏହା ଏକ ପ୍ରକାରର 'କୋଷସ୍ତରୀୟ ଇଚ୍ଛାମୃତ୍ୟୁ'। ୫ . ଅଟୋ-ୟୁଥାନାସିଆ : ଅତ୍ୟଧିକ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଜଣେ ବ୍ୟକ୍ତି ନିଜେ ନିଜର ଜୀବନ ଶେଷ କରିଦେବା।

ଚଳିତ ମାର୍ଚ୍ଚମାସ ୧୧ ତାରିଖ ଦିନ ଭାରତୀୟ ସୁପ୍ରିମକୋର୍ଟ ୩୨ ବର୍ଷୀୟ ହରିଶ ରାଣାଙ୍କ କ୍ଷେତ୍ରରେ ଜୀବନ ରକ୍ଷାକାରୀ ଚିକିତ୍ସା ପ୍ରତ୍ୟାହାର ପାଇଁ ଅନୁମତି ପ୍ରଦାନ କରି ପରୋକ୍ଷ ଇଚ୍ଛାମୃତ୍ୟୁକୁ ଅନୁମୋଦନ ଦେବା ଭାରତ ଇତିହାସର ପ୍ରଥମ ଘଟଣା। ୨୦୧୩ ମସିହାରେ ହରିଶ ରାଣା ଉଚ୍ଚ ଛାତ ଉପରୁ ପଡ଼ିଯିବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ପରଠାରୁ ସେ 'ଭେଜିଟେଟିଭ୍ ଷ୍ଟେଟ୍' ବା ଅଚେତ ଅବସ୍ଥାରେ ରହିଥିଲେ । ୨୦୨୪ ମସିହାରେ ଚିକିତ୍ସା ସହାୟତା ବନ୍ଦ କରିବା ପାଇଁ ଅନୁମତି ମାଗି ତାଙ୍କ ପିତା ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହରିଶ ରାଣାଙ୍କ ରୋଗ ମାରାତ୍ମକ ନୁହେଁ ବୋଲି କହି ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏହା ପରେ ପରିବାର ଲୋକେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୫ ମସିହାରେ ମାମଲାର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ଦୁଇଟି ମେଡିକାଲ ବୋର୍ଡ ଗଠନ କରିଥିଲେ। ଉଭୟ ମେଡିକାଲ ବୋର୍ଡ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ହରିଶ୍ ଙ୍କ ଅବସ୍ଥା ଅପରିବର୍ତ୍ତନୀୟ। ତାଙ୍କର ସୁସ୍ଥ ହେବାର ସମ୍ଭାବନା ଅତି ନଗଣ୍ୟ।ଏହି ମେଡିକାଲ ରିପୋର୍ଟ ଆଧାରରେ ଜଷ୍ଟିସ୍ ଜେ. ବି. ପାର୍ଦ୍ଦିୱାଲା ଏବଂ ଜଷ୍ଟିସ୍ କେ. ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଏକ ବେଞ୍ଚ, କ୍ଲିନିକାଲ୍ ପୁଷ୍ଟିକର ଖାଦ୍ୟ ସମେତ ଚିକିତ୍ସା ସହାୟତା ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି। ରୋଗୀଙ୍କ ଶେଷ ସମୟ ଯେପରି ଆରାମଦାୟକ ଏବଂ ସମ୍ମାନଜନକ ହେବ, ତାହା ନିଶ୍ଚିତ କରିବା ପାଇଁ ଏକ 'ପାଲିଏଟିଭ୍ ଏଣ୍ଡ୍-ଅଫ୍-ଲାଇଫ୍' କେୟାର୍ ପ୍ଲାନ କାର୍ଯ୍ୟକାରୀ କରିବାକୁ କୋର୍ଟ ଏମ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।

"ମୃତ୍ୟୁବରଣର ଅଧିକାର" କୁ ନେଇ ବିତର୍କ ୧୯୯୬ ମସିହାରେ ଜ୍ଞାନ କୌର ବନାମ ପଞ୍ଜାବ ରାଜ୍ୟ ରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ସୁପ୍ରିମକୋର୍ଟଙ୍କ ଏକ ତିନିଜଣିଆ ବିଚାରପତି ବିଶିଷ୍ଟ ବେଞ୍ଚ୍ ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅପରାଧର ସାମ୍ବିଧାନିକ ବୈଧତାକୁ କାଏମ ରଖିଥିଲେ ଏବଂ ନିଷ୍ପତ୍ତି ଦେଇଥିଲେ ଯେ ଅନୁଚ୍ଛେଦ ୨୧ ଅଧୀନରେ ଜୀବନର ଅଧିକାର ମଧ୍ୟରେ ମୃତ୍ୟୁବରଣର ଅଧିକାର ଅନ୍ତର୍ଭୁକ୍ତ ନୁହେଁ। ଯଦିଓ ସେତେବେଳେ ଶୀର୍ଷ ଅଦାଲତ ସକ୍ରିୟ କିମ୍ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ବୈଧତା ଉପରେ କୌଣସି ନିଷ୍ପତ୍ତି ଦେଇନଥିଲେ, ଯାହା ପରବର୍ତ୍ତୀ ସମୟରେ ଇଚ୍ଛାମୃତ୍ୟୁ ସମ୍ପର୍କିତ ଆଇନକୁ ପ୍ରଭାବିତ କରିଥିଲା। ଏହା ଉଲ୍ଲେଖ କରିଥିଲା ଯେ ମାନବୀୟ ମର୍ଯ୍ୟାଦା ସହ ବଞ୍ଚିବାର ଅଧିକାରର ଅର୍ଥ ହେଉଛି ପ୍ରାକୃତିକ ଜୀବନର ଶେଷ ପର୍ଯ୍ୟନ୍ତ ଏଭଳି ଅଧିକାରର ଅସ୍ତିତ୍ୱ। ଏଥିରେ ମୃତ୍ୟୁ ପର୍ଯ୍ୟନ୍ତ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଏବଂ ମୃତ୍ୟୁର ଏକ ମର୍ଯ୍ୟାଦାପୂର୍ଣ୍ଣ ପ୍ରକ୍ରିୟା ମଧ୍ୟ ଅନ୍ତର୍ଭୁକ୍ତ। ଅନ୍ୟ ଶବ୍ଦରେ କହିଲେ, ଏଥିରେ ଜଣେ ମୃତ୍ୟୁମୁଖୀ ବ୍ୟକ୍ତିର ମର୍ଯ୍ୟାଦାର ସହ ମୃତ୍ୟୁବରଣ କରିବାର ଅଧିକାର ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ ଯେତେବେଳେ ତାଙ୍କ ଜୀବନ ଶେଷ ହୋଇ ଆସୁଥାଏ।

ଏହି ପର୍ଯ୍ୟବେକ୍ଷଣ ଭବିଷ୍ୟତରେ ପରୋକ୍ଷ ଇଚ୍ଛାମୃତ୍ୟୁ ଏବଂ ଜୀବନର ଶେଷ ସମୟର ସ୍ୱାଧୀନତାକୁ ନ୍ୟାୟିକ ସ୍ୱୀକୃତି ଦେବା ପାଇଁ ସୁଯୋଗ ରଖିଥିଲା। ୨୦୦୬ ମସିହାରେ, ଭାରତର ୧୯୬ତମ ଆଇନ କମିଶନ କହିଥିଲେ ଯେ ମାରାତ୍ମକ ରୋଗରେ ପୀଡ଼ିତ ରୋଗୀଙ୍କ ଜୀବନ ରକ୍ଷାକାରୀ ସହାୟତା କିମ୍ବା ଚିକିତ୍ସା ବନ୍ଦ କରିବା ଆତ୍ମହତ୍ୟା ଉଦ୍ୟମର ଅପରାଧିକ ଦାୟିତ୍ୱକୁ ଆକର୍ଷିତ କରେ ନାହିଁ, ଯଦି ଏହା ରୋଗୀର ସର୍ବୋତ୍ତମ ସ୍ୱାର୍ଥରେ କରାଯାଇଥାଏ।

ଭାରତରେ ଇଚ୍ଛାମୃତ୍ୟୁ ଉପରେ ବିତର୍କ ପ୍ରଥମେ ଅରୁଣା ଶାନବାଗ ବନାମ ଭାରତ ସରକାର ମାଧ୍ୟମରେ ନ୍ୟାୟପାଳିକା ପାଖକୁ ଆସିଥିଲା।

କିଙ୍ଗ ଏଡୱାର୍ଡ ମେମୋରିଆଲ ହସ୍ପିଟାଲର ଜଣେ ନର୍ସ ଅରୁଣା ଶାନବାଗ, ୧୯୭୩ ମସିହାରେ ଏକ ବର୍ବର ଯୌନ ନିର୍ଯାତନା ଯୋଗୁଁ ତାଙ୍କ ମସ୍ତିଷ୍କକୁ ଅମ୍ଳଜାନ ସରବରାହ ବନ୍ଦ ହୋଇଯିବା ପରଠାରୁ ସ୍ଥାୟୀ ଅଚେତ ଅବସ୍ଥା ରେ ରହିଥିଲେ। ସେ ଚାରି ଦଶନ୍ଧିରୁ ଅଧିକ ସମୟ ଏହି ଅବସ୍ଥାରେ ରହିଲେ।୨୦୦୯ ମସିହାରେ, ସାମ୍ବାଦିକା ପିଙ୍କି ବିରାନୀ ଶାନବାଗଙ୍କ ପକ୍ଷରୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ମାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦିଓ କୋର୍ଟ ଇଚ୍ଛାମୃତ୍ୟୁକୁ ପ୍ରତ୍ୟାଖ୍ୟାନ କରିଥିଲେ ୨୦୧୧ ରେ, ମୁଖ୍ୟତଃ ଶାନବାଗଙ୍କ ଯତ୍ନ ନେଉଥିବା ହସ୍ପିଟାଲ କର୍ମଚାରୀମାନେ ଜୀବନ ରକ୍ଷାକାରୀ ସହାୟତା ପ୍ରତ୍ୟାହାରକୁ ବିରୋଧ କରିଥିବାରୁ । ତଥାପି ଏହା ଏକ ଐତିହାସିକ ନିଷ୍ପତ୍ତି ଦେଇଥିଲା।

ସେହି ସମୟରେ ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ ପରୋକ୍ଷ ଇଚ୍ଛାମୃତ୍ୟୁକୁ କେବଳ ବିଧାନ ଦ୍ୱାରା ବୈଧ କରାଯାଇପାରିବ ତେଣୁ, ସଂସଦ ଏହି ବିଷୟରେ ଆଇନ ପ୍ରଣୟନ ନ କରିବା ପର୍ଯ୍ୟନ୍ତ ଏହା ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରାଯିବା ଉଚିତ।

ଉକ୍ତ ନିଷ୍ପତ୍ତି ଏହି ଧାରଣାକୁ ଉପସ୍ଥାପନ କରିଥିଲା ଯେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଯେତେବେଳେ ସୁସ୍ଥ ହେବା ଚିକିତ୍ସା ଦୃଷ୍ଟିରୁ ଅସମ୍ଭବ, ଜୀବନ ରକ୍ଷାକାରୀ ଚିକିତ୍ସା ପ୍ରତ୍ୟାହାର କରିବା ଆଇନଗତ ଭାବେ ଗ୍ରହଣୀୟ ହୋଇପାରେ।

ବିଶ୍ୱର ସବୁ ଦେଶରେ ଇଚ୍ଛାମୃତ୍ୟୁ ବୈଧ ନୁହେଁ। ନେଦରଲ୍ୟାଣ୍ଡ ଓ ବେଲଜିୟମ ଭଳି ଦେଶଗୁଡିକ ବିଶ୍ୱରେ ପ୍ରଥମ କରି ସକ୍ରିୟ ଇଚ୍ଛାମୃତ୍ୟୁ କୁ ବୈଧତା ଦେଇଥିଲେ। ଯଦି ରୋଗୀର ଯନ୍ତ୍ରଣା ଅସହ୍ୟ ହୁଏ ଏବଂ ସୁଧାରର କୌଣସି ଆଶା ନଥାଏ, ତେବେ ଡାକ୍ତରୀ ସହାୟତାରେ ଜୀବନ ଶେଷ କରାଯାଇପାରିବ। ସ୍ୱିଜରଲ୍ୟାଣ୍ଡରେ ସହାୟକ ଆତ୍ମହତ୍ୟା ବୈଧ। ଅନେକ ବିଦେଶୀ ନାଗରିକ ମଧ୍ୟ ଶେଷ ସମୟରେ ଯନ୍ତ୍ରଣାରୁ ମୁକ୍ତି ପାଇଁ ସ୍ୱିଜରଲ୍ୟାଣ୍ଡ ଯାଇଥାନ୍ତି। 'ଡିଗ୍ନିଟାସ'' ନାମକ ସଂସ୍ଥା ଏଥିପାଇଁ ବିଶ୍ୱପ୍ରସିଦ୍ଧ। ଆମେରିକାର ସବୁ ରାଜ୍ୟରେ ଏହା ବୈଧ ନୁହେଁ। ଓରେଗନ୍ ଏବଂ ୱାଶିଂଟନ୍ ପରି କିଛି ନିର୍ଦ୍ଦିଷ୍ଟ ରାଜ୍ୟରେ ଆଇନ ଅନୁଯାୟୀ ଏହାର ଅନୁମତି ରହିଛି।

ସିନେମା ଜଗତରେ ଏହି ସମ୍ବେଦନଶୀଳ ବିଷୟକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ୨୦୧୦ ରେ ମୁକ୍ତିଲାଭ କରିଥିବା ହ୍ରିତିକ ରୋଶନ ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର ଗୁଜାରିଶର ନାୟକ ଜଣେ ଜାଦୁଗର ଯିଏ ପାରାଲିସିସ୍ କାରଣରୁ ୧୪ ବର୍ଷ ଧରି ଶଯ୍ୟାଶାୟୀ, ସେ କୋର୍ଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରୁଥିବା ଦର୍ଶାଯାଇଛି। ୨୦୧୬ ର ହଲିଉଡ୍ ସିନେମା 'ମି ବିଫର୍ ୟୁ' ଜଣେ ସଫଳ ବ୍ୟକ୍ତିଙ୍କ କାହାଣୀକୁ ନେଇ, ଯିଏ ଏକ ଦୁର୍ଘଟଣା ପରେ ଅକ୍ଷମ ହୋଇଯାନ୍ତି ଏବଂ ଶେଷରେ ସମ୍ମାନର ସହ ମୃତ୍ୟୁ ବରଣ କରିବାକୁ ସ୍ୱିଜରଲ୍ୟାଣ୍ଡ ଯିବାକୁ ନିଷ୍ପତ୍ତି ନିଅନ୍ତି।

୨୦୦୪ମସିହାର ସ୍ପାନିଶ୍ ଚଳଚ୍ଚିତ୍ର 'ଦି ସି ଇନ୍ ସାଇଡ୍' ଏକ ସତ୍ୟ ଘଟଣା ଉପରେ ଆଧାରିତ। ରୋମାନ୍ ସାମପେଡ୍ରୋ ନାମକ ଜଣେ ବ୍ୟକ୍ତିଙ୍କ ୨୮ ବର୍ଷର ସଂଘର୍ଷ, ଯିଏ ନିଜକୁ ମୃତ୍ୟୁର ଅଧିକାର ଦେବା ପାଇଁ ଲଢ଼େଇ କରିଥିଲେ। ଏହି ଫିଲ୍ମଟି ଓସ୍କାର ପୁରସ୍କାର ମଧ୍ୟ ପାଇଥିଲା।

ଭାରତୀୟ ପୁରାଣ ଓ ଶାସ୍ତ୍ରରେ 'ଇଚ୍ଛାମୃତ୍ୟୁ' କେବଳ ଏକ ବରଦାନ ନୁହେଁ, ବରଂ ଏହା ତପସ୍ୟା, ସଂଯମ ଏବଂ ଯୋଗଶକ୍ତିର ପରାକାଷ୍ଠା ଭାବେ ବର୍ଣ୍ଣିତ। ଇଚ୍ଛାମୃତ୍ୟୁ କହିଲେ ସର୍ବପ୍ରଥମେ ମହାଭାରତର ପିତାମହ ଭୀଷ୍ମଙ୍କ କଥା ମନକୁ ଆସେ। କାରଣ ଭୀଷ୍ମ ନିଜ ପିତା ଶାନ୍ତନୁଙ୍କ ଖୁସି ପାଇଁ ଆଜୀବନ ବ୍ରହ୍ମଚାରୀ ରହିବା ଓ ସିଂହାସନ ତ୍ୟାଗ କରିବାର 'ଭୀଷ୍ମ ପ୍ରତିଜ୍ଞା' କରିଥିଲେ। ପୁତ୍ରର ଏହି ଅତୁଳନୀୟ ତ୍ୟାଗରେ ପ୍ରସନ୍ନ ହୋଇ ପିତା ଶାନ୍ତନୁ ତାଙ୍କୁ 'ସ୍ୱେଚ୍ଛା ମୃତ୍ୟୁ' ବର ପ୍ରଦାନ କରିଥିଲେ। ଏହି କାରଣରୁ ଯମରାଜ ମଧ୍ୟ ତାଙ୍କ ବିନା ଅନୁମତିରେ ତାଙ୍କ ପ୍ରାଣ ହରଣ କରିପାରୁ ନଥିଲେ। ପୁରାଣ ଅନୁଯାୟୀ, କେବଳ ବରଦାନ ନୁହେଁ, ଜଣେ ସିଦ୍ଧ ଯୋଗୀ ନିଜ ଯୋଗବଳରେ ମଧ୍ୟ ଇଚ୍ଛାମୃତ୍ୟୁ ପ୍ରାପ୍ତ କରିପାରନ୍ତି। ପ୍ରଭୁ ଶ୍ରୀରାମଚନ୍ଦ୍ର ନିଜ ଲୀଳା ସମ୍ବରଣ କରିବା ପାଇଁ ସରଯୂ ନଦୀରେ ଜଳସମାଧି ନେଇଥିଲେ, ଯାହା ସ୍ୱେଚ୍ଛାକୃତ ମୃତ୍ୟୁର ଏକ ଶ୍ରେଷ୍ଠ ଉଦାହରଣ।

ଭାରତୀୟ ସୁପ୍ରିମକୋର୍ଟଙ୍କ ନିକଟତର ନିଷ୍ପତ୍ତିଗୁଡ଼ିକ ପ୍ରମାଣ କରୁଛି ଯେ, ଆଇନ ଏବେ କେବଳ ନିୟମରେ ଆବଦ୍ଧ ନୁହେଁ, ବରଂ ଏହା ମାନବୀୟ ସମ୍ବେଦନାକୁ ମଧ୍ୟ ଗୁରୁତ୍ୱ ଦେଉଛି। ମୃତ୍ୟୁ ଏକ ଶାଶ୍ୱତ ସତ୍ୟ, କିନ୍ତୁ ଯେତେବେଳେ ଏହା ଜଣକୁ ଅତି ନିଷ୍ଠୁର ଭାବେ କଷ୍ଟ ଦିଏ, ସେତେବେଳେ ଇଚ୍ଛାମୃତ୍ୟୁ ଏକ ଅପରାଧ ନୁହେଁ ବରଂ ମର୍ଯ୍ୟାଦାପୂର୍ଣ୍ଣ ପ୍ରସ୍ଥାନର ଏକ ମାଧ୍ୟମ ପାଲଟିଯାଏ। ତେଣୁ, ଆଧୁନିକ ସମାଜରେ ଏହାକୁ ଏକ 'ଅନ୍ତ' ଭାବେ ନୁହେଁ, ବରଂ ଶାନ୍ତିପୂର୍ଣ୍ଣ ବିଦାୟର ଏକ ସମ୍ମାନଜନକ ପଥ ଭାବେ ଗ୍ରହଣ କରିବା ଆବଶ୍ୟକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## ଜୀବନ ଜିଜ୍ଞାସା

ଲଳିତ ମୋହନ ମିଶ୍ର



ମାଆ... ତୁମର ସ୍ୱାମୀ ବହୁତ ସାହସୀ । ଡ୍ୟୁଟିରେ ଥିବା ଡାକ୍ତର ନାଥଙ୍କ ପତ୍ନୀଙ୍କୁ କହିଲେ, ପ୍ରଥମେ ତ ଆମେ ହତୋତ୍ସାହିତ ହୋଇ ଯାଇଥିଲୁ, କିନ୍ତୁ ସେ ତାଙ୍କ ଜୀବନରେ ହାର ମାନି ନଥିଲେ। ଏବେ ସେ ବିପଦମୁକ୍ତ । ନାଥଙ୍କ ବାହାଦୁରୀକୁ ନେଇ ସମଗ୍ର ହସ୍ପିଟାଲରେ ସବୁଠାରୁ ବଡ ଚର୍ଚ୍ଚା । ଚଳନ୍ତା ଟ୍ରେନ୍ ରୁ ଖସି ପଡ଼ି ହାତଟି କଟିଯିବା ସହିତ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ଆହତ ହୋଇଥିଲେ ମଧ୍ୟ... ଦୁର୍ଘଟଣାସ୍ଥଳରୁ ନିଜ କଟା ହାତ ସହିତ ଅନ୍ୟ ଜଣେ ଯାତ୍ରୀଙ୍କ ସହାୟତାରେ ଟ୍ୟାକ୍ସିରେ ବସି ଡାକ୍ତରଖାନାରେ ପହଞ୍ଚିଥିଲେ। ଚାରିଘଣ୍ଟା ଧରି ଜଟିଳ ଅସ୍ତ୍ରୋପଚାର ଚାଲିଲା । ସେ ଦୀର୍ଘ ସାତ ଦିନ ଧରି ଆଇସିୟୁରେ ରହିଲେ। ଆଜି ଡାକ୍ତର ତାଙ୍କୁ ବିପଦମୁକ୍ତ ଘୋଷଣା କରି ଜେନେରାଲ୍ ୱାର୍ଡକୁ ସ୍ଥାନାନ୍ତର କଲେ। ଚେତା ଫେରିବା ପରେ ପତ୍ନୀ ଶୀଳାକୁ ପଚାରିଲେ, ପୁଅ ଭିକି ଦେଖା ଯାଉନାହିଁ... ? ଶୀଳା କହିଲେ, ସେ ସକାଳୁ ଏ ପର୍ଯ୍ୟନ୍ତ ଏଠାରେ ଥିଲା, ଏବେ ଟିକେ ଘରକୁ ଯାଇଛି । ଶୀଳା ମିଛ କହିବାକୁ ବାଧ୍ୟ ଥିବାବେଳେ ସତଟି କିନ୍ତୁ ସଂପୂର୍ଣ୍ଣ ବିପରୀତ । ପୁଅ ବାପା ମା'ଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଅଲଗା ରହୁଛି । ବାପାଙ୍କ ଦୁର୍ଘଟଣା ବିଷୟରେ ଜାଣି ମଧ୍ୟ ପୁଅ ବାପାଙ୍କୁ ଦେଖା କରିବାକୁ ଡାକ୍ତରଖାନା ଆସି ନଥିଲା । କିଛି ସମୟ ପାଇଁ ଦୁହିଁଙ୍କ ମଧ୍ୟରେ ନିରବତା ଖେଳି ଯାଇଥିଲା । ନାଥ ପଚାରିଲେ, ମୋର ଅପରେସନ ପାଇଁ କିଏ ଟଙ୍କା ଦେଲା ? ପତ୍ନୀ ନିରବ ରହିଲେ । ସେ ପତ୍ନୀଙ୍କୁ ପୁଣି ପଚାରିଲେ । ଶୀଳା କିନ୍ତୁ କିଛି ନ କହି ଚୁପ୍ ରହିଲେ । ଦୁଇ ଜଣଙ୍କ ଆଖିରୁ ଅଜାଣତରେ ଅଶ୍ରୁ ଝରି ଚାଲିଥିଲା । ଆଖି ଖୋଲି ସିଧାସଳଖ ପତ୍ନୀଙ୍କୁ ଚାହିଁ କହିଲେ । ଶୀଳା ଆଖି ବୁଲାଇ ଦେଲେ। ନାଥଙ୍କୁ ଜୀବନ ସଙ୍ଗୀନିର ଚେହେରା ପଢ଼ିବାକୁ ଆଉ ଅଧିକ ସମୟ ଲାଗି ନଥିଲା । ତାଙ୍କର ଆଖି ଶୀଳାଙ୍କ ହାତ ଉପରେ ପଡିଥିଲା, ହାତରେ ସୁନା ଚୁଡ଼ି ଦୁଇପଟ ନଥିଲା। ନାଥ କୋହ ସମ୍ଭାଳି ନ ପାରି କହିଲେ, ସାବାସ୍ ପୁତ୍ର.... ଆଖି ଲୁହରେ ଭରିଗଲା ।

ପଞ୍ଚତିରିଶ ବର୍ଷର ବୈବାହିକ ଜୀବନ ମଧ୍ୟରେ ଶୀଳା ପ୍ରଥମ ଥର ପାଇଁ ସ୍ୱାମୀଙ୍କ ଆଖିରେ ଲୁହ ଦେଖିଲେ । ତାଙ୍କର ହୃଦୟଟି ମଧ୍ୟ ଭାଙ୍ଗି ପଡିଲା । ଏହା ପ୍ରଥମ ଥର ନଥିଲା ଏମିତି ଅନେକ ଥର ଗୋଟିଏ ବୋଲି ପୁଅ ହୃଦୟକୁ କେତେ ଆଘାତ ଦେଇଛି । ତାକୁ ଛୋଟରୁ ବଡ କରିବା , ଭଲ ପାଠ ପଢାଇ ଚାକିରୀ କରିବା... ଅନ୍ୟ ଜାତିର ଝିଅ ସହିତ ପ୍ରେମ ସମ୍ପର୍କ ଏବଂ ବିବାହ ଏସବୁକୁ... ମାଆ ଛୋଟ ପିଲାଟି ଏବଂ ନିର୍ଦ୍ଦୋଷ ଭାବି ସହ୍ୟ କରି ନେଉଥିଲେ କିନ୍ତୁ ଆଜି ବାପାର ଏ ଅବସ୍ଥାରେ ନ ଆସିବା ତାଙ୍କୁ ଗଭୀର ଆଘାତ ଦେଇଛି ।

ହଠାତ୍ ନାଥଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଲା। ନର୍ସ ବେଡ୍ ପାଖକୁ ଦୌଡି ଆସିଲେ... ବ୍ଲଡ୍ ପ୍ରେସର ବଢିବାକୁ ଲାଗିଲା, ଡାକ୍ତର ଚେଷ୍ଟ କରିବାରେ ଲାଗି ପଡିଲେ... ଇଞ୍ଜେକ୍ସନ ପ୍ରସ୍ତୁତ କଲେ ଷ୍ଟାଫ୍ ନର୍ସ... ତାଙ୍କ ଛାତିର ନିଶ୍ୱାସ ଦୃତ ହେବାରେ ଲାଗିଲା...

ଡାକ୍ତର ନିରାଶ ହୋଇ ମୁଣ୍ଡ ହଲାଇ ଉଃ... ଓଃ... କହି ମୁହଁଟିକୁ ବେଡ୍ ସିଟ୍‌ରେ ଘୋଡାଇ ଦେଇଥିଲେ। ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଏବଂ ବୁଝି ପାରି ନ ଥିଲେ ଜୀବନ ଜିଜ୍ଞାସାର ଏ କି ପରିଭାଷା । ଯିଏ ଟ୍ରେନରେ ନିଜର ହାତ କଟି ଯାଇଥିବା ସତ୍ତ୍ୱେ ସାହସିକତାର ସହିତ ଏବଂ ବଞ୍ଚିବାର ଦୃଢ଼ ଇଚ୍ଛା ଶକ୍ତି ବଳରେ ମୃତ୍ୟୁକୁ ଘଉଡାଇ ଦେଇଥିଲେ । ସେହି ବ୍ୟକ୍ତି ହଠାତ୍ କାହିଁକି ଭାବ ବିହ୍ୱଳ ହୋଇ ମୃତ୍ୟୁକୁ ଆମନ୍ତ୍ରଣ କଲେ ଏବଂ ମୃତ୍ୟୁର ସମ୍ମୁଖୀନ ହେଲେ... ।


ଅରବିନ୍ଦ ନଗର, ନୟାଗଡ଼,
୯୪୩୭୯୮୫୮୬୬


## ଆଉ ଜଣେ ଶ୍ରୁତକୀର୍ତ୍ତି

ଡ. ସନ୍ତୋଷ କୁମାର ପଣ୍ଡା



ସହରର କୋଳାହଳଠାରୁ ଦୂରରେ, ପୁରୁଣା ବଟବୃକ୍ଷର ଛାଇତଳେ ଥିବା ସେଇ ଛୋଟ ଘରଟିରେ ରହନ୍ତି ଶାନ୍ତି ଅପା। ବୟସ ସତୁରି ଟପିଲାଣି, କିନ୍ତୁ ଆଖିର ଚମକ ଏବେ ବି ସତେଜ। ସେହି ଗାଁର ସମସ୍ତେ ତାଙ୍କୁ 'ଶ୍ରୁତକୀର୍ତ୍ତି' ବୋଲି ଡାକନ୍ତି । ରାମାୟଣର ଶ୍ରୁତକୀର୍ତ୍ତିଙ୍କ ପରି ସେ ହୁଏତ ରାଜମହଲରେ ରହନ୍ତି ନାହିଁ, କିନ୍ତୁ ତାଙ୍କ ଜୀବନର ତ୍ୟାଗ କୌଣସି ରାଜକୁମାରୀଙ୍କଠାରୁ କମ୍ ନୁହେଁ।

କାହାଣୀଟି ଆରମ୍ଭ ହୁଏ ଅନେକ ବର୍ଷ ପୂର୍ବରୁ। ଶାନ୍ତି ଅପାଙ୍କ ବିବାହ ହେବାର ମାତ୍ର କିଛି ବର୍ଷ ପରେ ତାଙ୍କ ସ୍ୱାମୀଙ୍କର ଅକାଳ ବିୟୋଗ ଘଟିଲା। କୋଳରେ ଥିଲା ତିନି ବର୍ଷର ପୁଅ। କିନ୍ତୁ ସେ କେବଳ ନିଜ ପୁଅ ପାଇଁ ବଞ୍ଚିନଥିଲେ। ଶାନ୍ତି ଅପାଙ୍କ ଦିଅର ଓ ନଣନ୍ଦମାନେ ସେତେବେଳେ ବହୁତ ଛୋଟ ଥିଲେ। ସେ ଚାହିଁଥିଲେ ଦ୍ୱିତୀୟ ବିବାହ କରି ନିଜର ଏକ ଅଲଗା ସଂସାର ଗଢ଼ିପାରିଥାନ୍ତେ, କିନ୍ତୁ ସେ ବାଛିନେଲେ ଏକ କଠିନ ପଥ।

ରାମାୟଣର ଶ୍ରୁତକୀର୍ତ୍ତି ଯେମିତି ମିଥିଳାର ସର୍ବକନିଷ୍ଠା କନ୍ୟା ହୋଇ ମଧ୍ୟ ଅଯୋଧ୍ୟାରେ ଶତ୍ରୁଘ୍ନଙ୍କ ଅନୁପସ୍ଥିତିରେ ଗୃହର ସମସ୍ତ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ, ଶାନ୍ତି ଅପା ମଧ୍ୟ ସେମିତି ସେଇ ଭଙ୍ଗା ଘରର ମୂଳଦୁଆ ସାଜିଲେ। ସେ ନିଜେ ପାଠ ପଢ଼ିନଥିଲେ, କିନ୍ତୁ ଦିଅର-ନଣନ୍ଦଙ୍କୁ ମଣିଷ କରିବା ପାଇଁ ଦିନରାତି ପରିଶ୍ରମ କଲେ। ପରଘରେ ପାଇଟି କରିବାଠାରୁ ଆରମ୍ଭ କରି ବିଲରେ କାମ କରିବା ଯାଏଁ, ସେ କେବେ ପଛଘୁଞ୍ଚା ଦେଇନାହାନ୍ତି।

ଆଜି ତାଙ୍କ ପୁଅ ସହରରେ ବଡ଼ ଅଫିସର, ଦିଅର ବିଦେଶରେ ଡାକ୍ତର। ସମସ୍ତେ ପ୍ରତିଷ୍ଠିତ। ସମସ୍ତେ ଚାହାନ୍ତି ଶାନ୍ତି ଅପା ସହରକୁ ଆସନ୍ତୁ, ସୁଖରେ ରୁହନ୍ତୁ। କିନ୍ତୁ ସେ ଏବେ ବି ସେଇ ଗାଁ ଘରେ ରହନ୍ତି। ଗାଁର କୌଣସି ବୋହୂ ଶାଶୁଘରେ ଅଶାନ୍ତିରେ ଥିଲେ କିମ୍ବା କୌଣସି ଝିଅ ପାଠ ପଢ଼ିବାକୁ ସୁଯୋଗ ପାଉନଥିଲେ, ଶାନ୍ତି ଅପା ସେଠାରେ ଛିଡ଼ା ହୁଅନ୍ତି।

ଥରେ ଗାଁ ପତ୍ରିକାର ଜଣେ ସାମ୍ବାଦିକ ତାଙ୍କୁ ପଚାରିଲେ, 'ଅପା, ଆପଣ ନିଜ ସାରା ଜୀବନ ଅନ୍ୟମାନଙ୍କ ପାଇଁ ଉତ୍ସର୍ଗ କରିଦେଲେ, ଆପଣଙ୍କୁ କଷ୍ଟ ଲାଗେନି ?'

ଶାନ୍ତି ଅପା ମୃଦୁ ହସି କହିଲେ, 'ରେ ବାପା, ଶ୍ରୁତକୀର୍ତ୍ତିଙ୍କ ବିଷୟରେ ତ ଅନେକ ଶୁଣିଥିବୁ। ସେ ତ୍ୟାଗ କରିଥିଲେ ବୋଲି ରାମାୟଣ ପୂର୍ଣ୍ଣ ହୋଇଥିଲା। ଜୀବନରେ ସମସ୍ତେ ଯଦି ନିଜ ସୁଖ ଦେଖିବେ, ତେବେ ପରିବାର ଓ ସମାଜକୁ ଯୋଡ଼ି ରଖିବ କିଏ ? ମୁଁ କେବଳ ମୋର କର୍ତ୍ତବ୍ୟ କରିଛି।'

ଆଜିର ଏହି ସ୍ୱାର୍ଥପର ଦୁନିଆରେ, ଯେଉଁଠି ସମ୍ପର୍କ ଅପେକ୍ଷା ସମ୍ପତ୍ତି ବଡ଼, ସେଠାରେ ଶାନ୍ତି ଅପା ସତରେ 'ଆଉଜଣେ ଶ୍ରୁତକୀର୍ତ୍ତି'। ସେ ନିଜ ନାମରେ ନୁହେଁ, ବରଂ ନିଜ କର୍ମରେ ଜୀବନ୍ତ।


କଟକ
ମୋ : ୮୨୪୯୦୨୧୪୨୪।


## ମାନବିକତା

ରତ୍ନକାନ୍ତି ମିଶ୍ର

ସାଇରନ ଶବ୍ଦ ଦୂରରୁ ଶୁଭିଲା। ରାସ୍ତା କଡରେ ରୁଣ୍ଡ ହୋଇଥିବା ଲୋକଙ୍କ ମଧ୍ୟରୁ ଜଣେ ସେଇ ଦିଗକୁ ଚାହିଁ ଅପେକ୍ଷା କରି ରହିଲେ। କାରଣ ଦୁର୍ଘଟଣାଗ୍ରସ୍ତ ଯୁବକଟିକୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ଦରକାର ଥିଲା। ଠିକ୍ ସମୟରେ ହାତ ଦେଖାଇ ଗାଡିଟିକୁ ମଧ୍ୟ ଅଟକେଇବାକୁ ଚେଷ୍ଟା କଲେ ସେଇ ଲୋକ ଜଣକ। ଅନନ୍ୟୋପାୟ ହୋଇ ଗାଡିଟିର ଡ୍ରାଇଭର ବ୍ରେକ ମାରି ଗାଡିର ଗତିକୁ ଧିମା କଲେ। ପଛରେ ବସିଥିବା ମନ୍ତ୍ରୀ ଏଥିରେ ଅଶାନ୍ତି ହେଲେ। ଏତିକି ବେଳକୁ ମନ୍ତ୍ରୀଙ୍କ ନଜର ପଡିଲା ତାଙ୍କ କାର ଅଟକାଇବାକୁ ଚେଷ୍ଟା କରିଥିବା ଲୋକ ଜଣକ ଉପରେ। ଠିକ୍ ଚିହ୍ନି ପାରିଲେ ମଧ୍ୟ। ଡ୍ରାଇଭର କାରର ଝରକା ଅଳ୍ପ ଖୋଲିଲା ତ ଶୁଭିଲା ସେଇ ଲୋକର ସ୍ୱର। ମନ୍ତ୍ରୀ ଏକଥା ବୁଝିଲେ ବି କେଉଁ ଏକ ଯୁବକ କିଛି ସମୟ ପୂର୍ବରୁ ଦୁର୍ଘଟଣାରେ ଅଚେତନ ହୋଇ ପଡିଛି। ଯୁବକଟିକୁ ହସ୍ପିଟାଲରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସେ ଗାଡ଼ି ଅଟକେଇଛି ବୋଲି ବୁଝିଲେ ବି ମନ୍ତ୍ରୀ। ହେଲେ ଏସବୁ ଫାଲତୁ କାମ କରିବାକୁ ତାଙ୍କ ପାଖରେ ସମୟ ନଥିଲା। ତେଣେ ନୂଆ କରି ତୋଳା ଯାଇଥିବା ହସ୍ପିଟାଲର ଶୁଭ ଉଦଘାଟନ ସମୟ ଅତିବାହିତ ହେବାକୁ ଯାଉଛି । ସେଇଠି ତାଙ୍କ ଅପେକ୍ଷାରେ ଥିବେ କେତେ ଲୋକ। ଯଦିଓ ପୁରୁଣା ସରକାରଙ୍କ ଦ୍ୱାରା ଏଇ ହସ୍ପିଟାଲର ମୂଳଦୁଆ ପଡ଼ିଥିଲା ହେଲେ ବର୍ତ୍ତମାନ ଲୋକଙ୍କ ନଜରକୁ ଆସିବା ନିହାତି ଦରକାର। ଏଇ ସମୟରେ ଫାଇଦା ଟିକକ ନନେଲେ ରାଜନୀତି କ୍ଷେତ୍ରରେ ପଛୁଆ ରହିଯିବା ନିଶ୍ଚିତ। ନିଜ ଦଳର ହେଲେ ବି ଆଉ କିଏ ଏ ସୁଯୋଗର ଫାଇଦା ନେବା ସମୀଚୀନ ନୁହେଁ। ଜଲଦି ଆମ୍ବୁଲାନ୍ସ ବ୍ୟବସ୍ଥା କରାଉଛନ୍ତି ବୋଲି କହି ସେ ସ୍ଥାନରୁ ମୁକୁଳି ଆସିଲେ ମନ୍ତ୍ରୀ। ଗାଡି ଆଗକୁ ଚାଲିଲା। ମନ୍ତ୍ରୀ ମହାଶୟଙ୍କର ମନେ ପଡିଗଲା ପୁରୁଣା କଥା।

ଧର୍ମ ନାମରେ ଲୋକଙ୍କ ଆବେଗ ସହିତ ଖେଳି ନିର୍ବାଚନ ଜିତିଥିବା ଯୋଗୁ ତାଙ୍କର ପ୍ରାଥମିକତା ଥିଲା ପ୍ରତିଶ୍ରୁତି ପୂର୍ବକ ସେ ଅଞ୍ଚଳରେ ଭବ୍ୟ ମନ୍ଦିରଟିଏ ନିର୍ମାଣ କରିବା। ଯେଉଁ ଜାଗାରେ କେଇ ପୁରୁଷ ଧରି କେତୋଟି ବିସ୍ଥାପିତ ପରିବାର ରହିଆସୁଥିଲେ ସେଇ ସରକାରୀ ଜାଗାଟିକୁ ହିଁ ମନ୍ଦିର ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଦଳୀୟ ଲୋକ କହିଲେ ତ ସେ ସେମାନଙ୍କ କଥାରେ ରାଜି ହୋଇଗଲେ ମନ୍ତ୍ରୀ ମହୋଦୟ।

ନ୍ୟାୟିକ ଯୁଦ୍ଧ ଲଢ଼ିବା ପାଇଁ ସେଠାରେ ରହୁଥିବା ଲୋକଙ୍କ ପାଖରେ ନା ଥିଲା ସମ୍ବଳ, ନା ଥିଲା ଜାଗାର ମାଲିକାନା ସ୍ୱତ୍ୱ କାଗଜ ପତ୍ର। ସହରତଳି ସେଇ ଜାଗା ଖଣ୍ଡିକୁ ପୁଣି ଦିନେ ଛାଡ଼ିବାକୁ ପଡିବ କେହି ବିଶ୍ୱାସ କରିପାରୁନଥଲେ। ପ୍ରକୃତରେ କେଇ ବର୍ଷ ପୂର୍ବରୁ ଗୋଟିଏ କାରଖାନା ବସାଇବା ପାଇଁ କିଛି ଲୋକଙ୍କୁ ବିସ୍ଥାପିତ କରିଥିଲେ ସରକାର। ସେମାନଙ୍କୁ ଜାଗା ଏବଂ ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ସରକାର ପର ମୁହୂର୍ତ୍ତରେ ନିଜ ପ୍ରତିଜ୍ଞା ଭାଙ୍ଗି ଦେଇଥିଲେ। ଶେଷକୁ ଗୋଟିଏ ଅପନ୍ତରା ଜାଗାକୁ ବାଛି ମୁଣ୍ଡ ଗୁଞ୍ଜିବାକୁ ତାକୁ ଘର ତୋଳିବା ମୁତାବକ ଯୋଗ୍ୟ କରାଇଥିଲେ ସେଇ ବାସଚ୍ୟୁତ ଲୋକମାନେ। ମନ୍ଦିର ନିର୍ମାଣ ପାଇଁ ସେଇ ଜାଗାଟିକୁ ପୁଣି ବଛା ଯାଇଥିବାରୁ ତା'ର ପ୍ରତିବାଦ କରିବାକୁ ସେଠାରେ ରହିଥିବା ଖଟିଖିଆ ମଜଦୂର ଲୋକ ମାନଙ୍କର ସାହସିକ ପଦକ୍ଷେପକୁ ଆଗେଇ ନେବାକୁ ବଦ୍ଧପରିକର ଥିଲା ରହିମ୍ ମିଆଁ। ଲୋକେ ତାଙ୍କୁ ହୃଦୟର ସହିତ ନେତା ରୂପେ ବିବେଚନା କରିଥିଲେ। କେଇ ମାସ ପୂର୍ବରୁ ଏଇ ଲୋକ ହିଁ ବାସ୍ତୁହରା ଲୋକମାନଙ୍କୁ ନେଇ ଆସିଥିଲା ତାଙ୍କ ବାସଭବନ ଘେରାଉ କରିବାକୁ।

ସେଇ ରହିମ ମିଆଁକୁ ସାମ୍ନାରେ ଚିହ୍ନଟ କରିପାରିଥିଲେ ମନ୍ତ୍ରୀ। ଏଇ ଲୋକଟି ତାଙ୍କୁ ବଦନାମ କରିବାକୁ ଏବଂ ତାଙ୍କ ରାସ୍ତାରେ ଅନ୍ତରାୟ ସୃଷ୍ଟି କରାଇବାର ଦୁଃସାହସ କରି ଥିବାରୁ ମିଛ କେଶ୍‌ରେ ଫସାଇ ଜେଲ୍ ଦଣ୍ଡ ଭୋଗାଇଥିଲେ ବୋଲି ମନ୍ତ୍ରୀ ମହୋଦୟଙ୍କର ମନେ ମଧ୍ୟ ପଡିଲା। ସେ ଜେଲ୍ ଯିବାପରେ ଲୋକଙ୍କ ଘର ଉପରେ ବୁଲଡୋଜର ଚଲାଇ ସେଇ ଜାଗାରେ ମନ୍ଦିର ତୋଳିବା ସମ୍ଭବ ହୋଇଥିଲା ଭାବି ମନ୍ତ୍ରୀ ମହୋଦୟ ମନେ ମନେ ଉଲୁସି ଉଠିଲେ। ଅଳ୍ପ ସମୟ ବିଳମ୍ବରେ ପହଞ୍ଚିଥିଲେ ବି ଉଦଘାଟନୀ ଉତ୍ସବ ମନ୍ତ୍ରୀଙ୍କ ଉପସ୍ଥିତିରେ ହିଁ ଆରମ୍ଭ ହେଲା। ନିଜ ଭାଷଣରେ ଲୋକଙ୍କ ସେବାକୁ ଈଶ୍ୱର ସେବା ସହିତ ତୁଳନା କରିବା ସହିତ ମାନବିକତା ଉପରେ ଦୀର୍ଘ ରୁଚିକର ଭାଷଣ ଟିଏ ଦେଲେ।ଭାଷଣ ଛଳରେ ସଦ୍ୟ ଦୁର୍ଘଟଣାଗ୍ରସ୍ତ ଯୁବକଟିକୁ କିପରି ସାହାଯ୍ୟ କଲେ ଏବଂ ସେଥିପାଇଁ ତାଙ୍କ ଆସିବାରେ ବିଳମ୍ବ ହେଲା ବୋଲି ଭାରୀ ଭାରୀ ଗଳାରେ କହିଲେ। ଉପସ୍ଥିତ ଜନତାଙ୍କ ତାଳି ମାଡରେ ଏବଂ ଜୟ ଜୟକାର ଧ୍ୱନିରେ ଉଚ୍ଛ୍ୱସିତ ହୋଇ ପଡିଲେ ମନ୍ତ୍ରୀ। ସଭା ସାଙ୍ଗ ହେଲା ତ ନୀରବ ମୋଡ଼ରେ ଥିବା ମୋବାଇଲକୁ ପୂର୍ବ ଅବସ୍ଥାକୁ ଫେରାଇବାକୁ ଯାଇ ଦେଖିଲେ କେତୋଟି ମିସ୍ କଲ। ଟିକିଏ ସମୟ ପରେ ଭାସି ଆସିଲା ପତ୍ନୀଙ୍କ କରୁଣ ସ୍ୱର। ଦୁର୍ଘଟଣା ଯୋଗୁଁ ତାଙ୍କର ଏକମାତ୍ର ପୁତ୍ରକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜାଣି ପ୍ରମାଦ ଗଣିଲେ ମନ୍ତ୍ରୀ। ହସ୍ପିଟାଲରେ ପହଞ୍ଚିଲା ବେଳକୁ ତାଙ୍କ ସାମନାରେ ଉଦବିଗ୍ନତାର ସହ ଠିଆ ହୋଇଥିଲା ରହିମ୍ ମିଆଁ। ମନ୍ତ୍ରୀ ଏଥର ଲୁହ ଟଳମଳ ଆଖିରେ ଛାତିରେ ଜଡେଇ ଧରିଲେ ମାନବିକତାର ମୂର୍ତ୍ତିମନ୍ତ ଦେବତାଙ୍କୁ...!!!


ଆଳି, କେନ୍ଦ୍ରାପଡା
୮୨୪୯୭୯୯୯୬୧


## ମିନି ମାର୍ଟ

ସୁଚରିତା ବେହେରା



ପ୍ରତିଥର ମୁଁ ମିନି ମାର୍ଟ ଗଲେ ସେ ମତେ ଦେଖେ। ଆହୁରି ନିବିଡ ଭାବେ ଦେଖେ ଯେତେବେଳେ ମୁଁ ମୋ ପୁଅ ପସନ୍ଦର ଖାଇବା ଜିନିଷ ବାସ୍କେଟରେ ରଖେ । ତନ୍ମୟତାର ସହ ସେ ଚାହିଁ ରହେ ମତେ କିଛି କ୍ଷଣ । କଣ ସେ ଭାବୁଥାଏ ସେତେବେଳେ କେଜାଣି । ମତେ କିନ୍ତୁ ଖୁବ ଅସହଜ ଲାଗେ ସେ ମୁହୂର୍ତ୍ତ ଗୁଡିକ । ବେଳେବେଳେ ହାତ ପାହାନ୍ତରେ ଥିବା ସବୁ ଜିନିଷକୁ ନିଜର ବୋଲି ଦାବି କରିହୁଏନା । ତା ମୁହଁର ଭାବରୁ ଏତିକି ତ ମୁଁ ସ୍ପଷ୍ଟ ପଢ଼ିପାରେ । ମୁଁ ତାକୁ ଅଣଦେଖା କରିବାକୁ ଚେଷ୍ଟା କଲେ ମାଲିକଙ୍କ ତାଗିଦ ଶୁଣି ଭାଙ୍ଗିଯାଏ ତା ଅନ୍ୟମନସ୍କତା । ସେ ପୁଣି ତା କାମରେ ଲାଗିଯାଏ । କାଉଣ୍ଟରରେ ବିଲ ପେମେଣ୍ଟ କରି କ୍ଷିପ୍ର ଗତିରେ ବାହାରିଆସେ ମୁଁ ମିନି ମାର୍ଟରୁ ।

ଘରେ ଆସି ମୋ ଦଶ ବର୍ଷର ପୁଅକୁ ବିସ୍କୁଟ, ଚକୋଲେଟ କି ଆଇସକ୍ରିମ ଦେଲାବେଳେ ମୋ ସାମ୍ନାରେ ତା ମୁହଁ ଦିଶେ । ସେ ବି ତ ଏଇ ବୟସର । ଲାଗେ ଯେମିତି ସେ ତା ନିରୀହ ଚାହାଁଣୀରେ ମତେ ପଚାରୁଛି 'ଏସବୁର ସ୍ୱାଦ କେମିତି ? ମତେ ବି ଇଚ୍ଛା ହୁଏ ଖାଇବାକୁ । ପୁଅକୁ ଦେଇ, ନିଜ ପାଟିରେ କିଛି ଦେଉଦେଉ ହାତ ଫେରିଆସେ ମୋର । ଅବ୍ୟକ୍ତ ଯନ୍ତ୍ରଣାରେ ଅଣନିଶ୍ୱାସୀ ହୋଇଯାଏ କିଛି ସମୟ ମୁଁ । ମୋ ଭିତରେ ଅନେକ କାହିଁକିର ପ୍ରଶ୍ନ ସେତେବେଳେ । କିଛିର ଉତ୍ତର ମିଳେ କିଛିର ମିଳେନା । ସେ କାହା ପୁଅ ହୋଇଥିବ, କେମିତି ହୋଇଥିବେ ତା ବାପା, ମା । କେଉଁ ଅସହାୟତାରେ ସେମାନେ ତା କାନ୍ଧରେ ସ୍କୁଲ ବ୍ୟାଗ ପରିବର୍ତ୍ତେ ଲଦି ଦେଇଛନ୍ତି ଦାୟିତ୍ୱର ବୋଝ । କେବଳ ଭାବିବା ବ୍ୟତୀତ କିଛି କରିପାରେନା । ସ୍କୁଲ ବସରୁ ଓହ୍ଲେଇ ସେଦିନ ପୁଅ ପୁଣି ଜିଦ କଲା ମିନି ମାର୍ଟ ଯିବାକୁ । ମୋର ବି ମନେ ପଡିଲା ନିତ୍ୟ ବ୍ୟବହୃତ କିଛି ରୋଷେଇ ସାମଗ୍ରୀ ନେବାକୁ । ଅନେକ ଦିନ ବ୍ୟବଧାନ ପରେ ଯାଇଥିବାରୁ ଦୋକାନୀ ବାବୁ ମତେ ଦେଖି ସାଙ୍ଗେସାଙ୍ଗ କହିଲେ 'ଆମେ ଏବେ ହୋମ ଡ଼େଲିଭରି ବ୍ୟବସ୍ଥା ବି କରିଦେଇଛୁ । ଖାଲି ଫୋନ କରି ଜିନିଷ ଲିଷ୍ଟ ଦେଲେ ଏଇ ପିଲାଟି ଯାଇ ଦେଇଆସିବ । ଏବେ ଆପଣ ପୁଅକୁ ନେଇ ଯାଆନ୍ତୁ । ଜିନିଷ ସବୁ ଯା ହାତରେ ଆପଣଙ୍କ ଘରକୁ ପଠେଇଦେଉଛି। ମୁଁ ପିଲାଟିକୁ ଦେଖିଲି । ସେତେବେଳେ ସେ ଖୁବ କରୁଣ ହୋଇ ଲକ୍ଷ୍ୟ କରୁଥିଲା ପୁଅ କାନ୍ଧରୁ ଭାରି ସ୍କୁଲ ବ୍ୟାଗକୁ ମୋ କାନ୍ଧକୁ ନେଇଯିବାର । ଦୋକାନୀ ବାବୁଙ୍କ କଥାକୁ ଅଗ୍ରାହ୍ୟ କରି ମୁଁ ଜିନିଷ ଧରି ଘରକୁ ଫେରି ଆସୁଆସୁ ସେ ପିଲାଟିକୁ ପୁଣି ଥରେ ଚାହିଁଲି । ଏବେ ମତେ ମୋ ପୁଅ ଓ ତା ଭିତରେ କୌଣସି ଅନ୍ତର ଦେଖାଗଲାନି ।


ଜସ୍ମିନ ଗ୍ରୋଭ, ଗାଜିଆବାଦ
ଫୋନ - ୭୯୭୬୪୯୮୨୩୪


## ରାକ୍ଷସ

ସନ୍ତୋଷ ମିଶ୍ର



ସଦ୍ୟ ଚାକିରୀ ପାଇଥିବା ପୁଅର ବାହାଘର ପାଇଁ ତତ୍ପର ହୋଇ ଉଠିଲେ ରାଘବେନ୍ଦ୍ର। ମେଘମାଳା ବି କହିଲେ - ଆଉ ଅଧିକ ବିଳମ୍ବ କରିବା ଠିକ୍ ହେବ ନାହିଁ।ବାହାଘର ପାଇଁ ଏଇଟା ଉପଯୁକ୍ତ ବୟସ। ରାଘବେନ୍ଦ୍ର କହିଲେ - ଠିକ୍ ଅଛି। ମୁଁ କେତେକ ପରିଚିତ ମଧ୍ୟସ୍ଥିଙ୍କ ସହିତ ଯୋଗାଯୋଗ କରୁଚି।ତେବେ ତମେ ସୂର୍ଯ୍ୟକାନ୍ତକୁ ପଚାର ତାର ମତାମତ କଣ। ଆଜି କାଲିକା ପିଲା। କାଳେ କୋଉ ଝିଅକୁ ଭଲ ପାଉଥିବ । ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିବ। ମେଘମାଳା ହସିଲେ। କହିଲେ - ମାମୁଁ ମାଇଁଙ୍କ ଭାଷାରେ ଆମ ପିଲାମାନେ ସ୍ମାର୍ଟ ନୁହନ୍ତି। କାରଣ ଅନ୍ୟ ପୁଅ ଝିଅଙ୍କୁ ଫସାଇ ବାହାହେବାର କଳା ଏମାନଙ୍କୁ ଜଣା ନାହିଁ। ସେଥିପାଇଁ ଏମାନଙ୍କଠୁଁ ବୟସରେ ସାନ ଆମ ସମ୍ପର୍କୀୟମାନଙ୍କ ପୁଅଝିଅ ବାହା ହେଇ ଯାଉଥିବା ବେଳେ ଏମାନେ ସେମିତି ବସି ରହିଛନ୍ତି । ତେଣୁ ତୁମେ ନିଶ୍ଚିନ୍ତରେ ଝିଅ ଦେଖ। ସୂର୍ଯ୍ୟକାନ୍ତକୁ କିଛି ପଚାରିବାର ଆବଶ୍ୟକତା ନାହିଁ।

ମଧ୍ୟସ୍ଥିମାନଙ୍କ ସହଯୋଗ କ୍ରମେ ସପରିବାର ବିଭିନ୍ନ ଆଡେ ଝିଅ ଦେଖିଲେ ରାଘବେନ୍ଦ୍ର। ମାତ୍ର କୋଉଠି ହେଲେ ବି ଝିଅ ପସନ୍ଦ ହେଲାନାହିଁ। ସଂଯୋଗ ବଶତଃ ଜଣେ ଶିକ୍ଷକ ବନ୍ଧୁ ଗୋଟେ ପ୍ରସ୍ତାବ ଦେଲେ। କହିଲେ - ଭଦ୍ର ନିମ୍ନ ମଧ୍ୟବିତ୍ତ ପରିବାରର ଝିଅଟିଏ।ଆପଣଙ୍କର ନିଶ୍ଚୟ ପସନ୍ଦ ହେବ। ବାଲେଶ୍ୱର ଜିଲ୍ଲାର ଆମ ଗାଁ ପାଖ ବ୍ରାହ୍ମଣ ଶାସନରେ ତାଙ୍କ ଘର। ଝିଅର ବାପ ମୋର ପିଲା ଦିନର ସାଙ୍ଗ। ସେମାନେ ବାହାଘର ପାଇଁ ପ୍ରସ୍ତୁତ। ତେଣୁ ଯଦି ଆପଣଙ୍କର ପସନ୍ଦ ହୁଏ ଏକାଥରକେ ଲଗ୍ନ ଧରିବାରେ କିଛି ଅସୁବିଧା ନାହିଁ। ରାଘବେନ୍ଦ୍ର କହିଲେ - ହଉ। ଆଗେ ଝିଅ ଦେଖା ସରୁ। ତାପରେ ଅନ୍ୟାନ୍ୟ କଥା ଚିନ୍ତା କରିବା।

ପରଦିନ ସକାଳେ ବାରିପଦାରେ ଥିବା ବଡ଼ଭାଇଙ୍କୁ ସବୁକଥା ଜଣାଇ ରାଘବେନ୍ଦ୍ର କହିଲେ - ଆସନ୍ତା ରବିବାର ୯ଟା ସୁଦ୍ଧା ତମେ ଉଦଳାରେ ପହଞ୍ଚିଲେ, ସମସ୍ତେ ସାଙ୍ଗ ହେଇ ଝିଅ ଘରକୁ ଯିବା।

ବଡ଼ଭାଇ ବିମର୍ଷ କଣ୍ଠରେ କହିଲେ - ମୋ ପୁଅ, ମାଇପଙ୍କ କଥା ମୁଁ ବୁଝି ପାରୁନି, ତୋ ପୁଅ ବାହାଘର କଥା କଣ ବୁଝିବି। ମୁଁ ଯାଇ ପାରିବିନି। ଆମ ଘରୁ ବି କେହି ଯିବେନି। ତୋର ଯେମିତି ଯାହା କରିବା କଥା କର।

ଆକାଶରୁ ଯେମିତି ଖସି ପଡ଼ିଲେ ରାଘବେନ୍ଦ୍ର। ଇଏ ପୁଣି କି ଅଭିନବ ରୂପ। ଯଥା ସମ୍ଭବ ନମ୍ର ଓ ଆଶ୍ଚର୍ଯ୍ୟଭରା କଣ୍ଠରେ ପଚାରିଲେ - ହଠାତ୍ ଏମିତି କହିବାର କାରଣ କଣ ମୁଁ ବୁଝି ପାରୁନି। ଆମେ ତୁମ ପୁଅର ବ୍ରତଘର କଲୁ।ତୁମର ସମସ୍ତ କର୍ମକାର୍ଯ୍ୟରେ ଅଂଶ ଗ୍ରହଣ କଲୁ। ବିପଦ ଆପଦ ସମୟରେ ତମ ପାଖରେ ଛିଡ଼ା ହେଲୁ। ମୋର ଗୋଟିଏ ବୋଲି ପୁଅ। ତାର ବାହାଘର । ତମେ ଆସିବନି କାହିଁକି।

- କାହିଁକି ଯିବି। ମୋ ବିରୁଦ୍ଧରେ ଲୋକମାନଙ୍କ ଆଗରେ ତୁ ଏଣୁତେଣୁ ଗପୁଚୁ। ଦୁଇ ଦିନ ତଳେ ମାମୁଁ ପୁଅ ଭାଇ ରଞ୍ଜନ ଆସିଥିଲା। ତୁ ତ ଜାଣୁ ମୋର ପ୍ରକୃତି ହେଉଛି କିଛି ନ କରିବି ସବୁ କିଛି କରିଛି ବୋଲି ବଡେଇ କରି ପ୍ରଚାର କରିବା । ସେହି ଅନୁସାରେ କଥା ପ୍ରସଙ୍ଗରେ ମୁଁ ତାକୁ କେହି ଦେଇଥିଲି ଜାଗା ମୁଁ କିଣିଛି, ଘର ମୁଁ କରିଛି, ସାନଭାଇକି ସବୁ ଛାଡ଼ି ଦେଇଛି। ହେଲେ ତୁ ତାକୁ ସିଧା କହିଲୁ - ଜାଗା କିଣିବା କିମ୍ବା ଘର ତିଆରି ସମୟରେ ମୁଁ ଟଙ୍କାଟିଏ ବି ଦେଇନାହିଁ। ବାପାଙ୍କ କଥାରେ ପଡ଼ି ମୋ ନାଁ ଜାଗା ରେଜିଷ୍ଟ୍ରେସନ୍ ସମୟରେ ପୁରେଇ ଦେଇ ଥିବାରୁ ପାପର ପ୍ରାୟଶ୍ଚିତ ସ୍ୱରୂପ ତୋତେ ଗୁଡ଼ାଏ ଅର୍ଥ ଶ୍ରାଦ୍ଧ କରିବାକୁ ପଡ଼ିଲା।

ରାଘବେନ୍ଦ୍ର କ୍ଷଣମାତ୍ର ନୀରବ ନରହି କହିଲେ - ମୁଁ କଣ ମିଛ କହିଲି। ତମେ ଟଙ୍କାଟିଏ ବି ଖର୍ଚ୍ଚ ନକରି ଦାନବୀର ହରିଶ୍ଚନ୍ଦ୍ର ଆଉ ମୁଁ ସବୁ କିଛି କରି ଦୟାର ପାତ୍ର, ଦାନ ଗ୍ରହୀତା !! ତାଛଡା ଅନ୍ୟାୟ ଦାବୀ ମୁତାବକ ସମୁଦାୟ ଅର୍ଥ ନେଇସାରିବା ପରେ ବି ଜାଗାର ଅବଶିଷ୍ଟାଂଶ ରେଜେଷ୍ଟ୍ରୀ କରିବା ପାଇଁ ନିର୍ଦ୍ଧାରିତ ଦିବସମାନଙ୍କରେ ନଆସି ମାନସିକ ଯନ୍ତ୍ରଣା ଦେବା, ଦୁର୍ବ୍ୟବହାର କରିବା, ଅଧିକ ଅର୍ଥ ଦାବୀ କରିବାର ଯଥାର୍ଥତା କଣ । ଏହା ମୁଦ୍ରା ରାକ୍ଷସର ହୀନ କାର୍ଯ୍ୟାବଳୀ ବ୍ୟତୀତ ଆଉ କଣ ହେଇପାରେ।

ବଡ଼ଭାଇ ଉତ୍ତେଜିତ କଣ୍ଠରେ କହିଲେ - ଥାଉ ରେ ତୁ ଆଉ ଷଣ୍ଢକୁଁ ଭାଗବତ ପଢ଼ାନା। ତୋର ନିର୍ବୋଧତା ହିଁ ମୋତେ ଅନ୍ୟାୟ କରିବା ପାଇଁ ସୁଯୋଗ ଦେଲା। ତୁ ଯଦି କେବଳ ତୋ ନାଁ ରେ ଜାଗା ରେଜିଷ୍ଟ୍ରି କରିଥାନ୍ତୁ ଏବଂ ମୁଁ ପୁରା ଟଙ୍କା ନେଇସାରିବା ପରେ ଯଦି ଦୁଇଦିନ ପରିବର୍ତ୍ତେ ଗୋଟିଏ ଦିନରେ ରେଜିଷ୍ଟ୍ରି କାମ ସାରି ଦେଇଥାନ୍ତୁ ତାହେଲେ ଏତେ କଷ୍ଟ ଭୋଗି ନଥାନ୍ତୁ। ଆଉ ଗୋଟେ କଥା। ମୁଁ ଯଦି ତତେ କଟକରେ ପାଠ ପଢ଼ାଇ ନଥାନ୍ତି...ତୁ କୋଉଠି ଜାଗା କିଣି ଘର କରି ପାରି ଥାନ୍ତୁ.. ନା ଜିଲ୍ଲା ସ୍ତରୀୟ ଅଫିସର ହେଇ ପାରିଥାନ୍ତୁ।

ସମାନ କଣ୍ଠରେ ରାଘବେନ୍ଦ୍ର କହିଲେ - ମୁଁ ଯଦି ମ୍ୟାଟ୍ରିକ ପରୀକ୍ଷା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇ ନଥାନ୍ତି ଏବଂ ସ୍କଲାର୍ସିପ ପାଉ ନଥାନ୍ତି, ତାହେଲେ କଟକରେ ପଢ଼ିବା ସମ୍ଭବ ହେଇ ପାରି ନଥାନ୍ତା। ମୁଁ ପାଉଥିବା ସ୍କଲାର୍ସିପ ଟଙ୍କାରେ ହଷ୍ଟେଲ, ମେସ, ଜଳଖିଆ ଖର୍ଚ୍ଚ ଭରଣା ହେଇ ପକେଟ୍ ଖର୍ଚ୍ଚ ବାବଦକୁ କିଛି ବଳକା ରହୁଥିଲା। ସେଥିରେ ପୁଣି କେବେକେବେ ଜାଲ ଦସ୍ତଖତ କରି ମୋ ପାସ୍ ବହିରୁ ଟଙ୍କା କାଢି ତମେ ଝିଅ ମାନଙ୍କ ପଛରେ ଅପବ୍ୟୟ କରୁଥିଲ। ସବୁକଥା ଜାଣି ବି ମୁଁ ନୀରବ ରହୁଥିଲି। ତମେ ମୋତେ ପାଠ ପଢ଼ାଇବ କଣ ବରଂ ମୋ ଜୀବନକୁ ବରବାଦ୍ କରିଦେଲ।

ମନେପଡେ ଶ୍ରୀବତ୍ସ ମାମୁଁଙ୍କ ସହିତ ଯେବେ ଦେଖା ହେଇଥିଲା କଟକରେ।ସେତେବେଳେ ମୁଁ ଆଇ. ଏ. ପଢୁଥାଏଁ। ମାମୁଁ ପଚାରିଲେ - କିରେ କଟକରେ କୋଉଠି ପଢୁଛୁ। ମୁଁ କହିଲି - ରେଭେନ୍ସାରେ ଆଇ.ଏ. । ମାମୁଁ ଭୃକୁଞ୍ଚନ କରି କହିଲେ - ଆଇ. ଏ. କାହିଁକି। ତୁ ତ ମ୍ୟାଥମେଟିକ୍ସରେ ଏତେ ଷ୍ଟ୍ରଙ୍ଗ । ସାଇନ୍ସ ପଢ଼ିଥିଲେ ଖୁବ୍ ସହଜରେ ଡାକ୍ତର କିମ୍ବା ଇଞ୍ଜିନିୟର ହେଇ ପାରିଥାନ୍ତୁ। ଗଧଙ୍କ ଭଳି ଆର୍ଟସ ପଢ଼ି କଣ ଲାଭ। ମୁଁ ନମ୍ର ଭାବେ କହିଲି - ଏଇ ଦୁଇ ଜଣ ମୋତେ ଆର୍ଟସ ପଢ଼ିବା ପାଇଁ ବାଧ୍ୟ କଲେ। ସୌଭାଗ୍ୟକୁ ତମ ସହିତ ସାନମାମୁଁ ସେହି ସମୟରେ ସେଠାରେ ଉପସ୍ଥିତ ଥିଲେ। ମାମୁଁ ସେମାନଙ୍କୁ ଲକ୍ଷ୍ୟ କରି କହିଲେ - ଗୋଟିଏ ମେଧାବୀ ପିଲାର ଜୀବନକୁ ତମେମାନେ ନଷ୍ଟ କରିଦେଲ। ବାସ୍ତବିକ୍ ଦୁର୍ଭାଗ୍ୟଜନକ !!

ଆଇ. ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କଲି। ଭୁଗୋଳରେ ୭୧ ପ୍ରତିଶତ ଓ ରାଜନୀତି ବିଜ୍ଞାନରେ ୬୦ ପ୍ରତିଶତ ମାର୍କ ରହିଥିଲା। ଭୂଗୋଳର ପ୍ରଫେସର କହିଲେ - ଯେହେତୁ ତୁମର ଭୂଗୋଳରେ ସର୍ବୋଚ୍ଚ ମାର୍କ ରହିଛି, ତୁମେ ବି.ଏ. ରେ ଭୂଗୋଳ ଅନର୍ସ ରଖି ପଢ଼ିଲେ ଭଲ ହେବ। ତମେ ମୋ ଅଧୀନରେ ଗବେଷଣା କରି ଡକ୍ଟରେଟ ପାଇବ। ଏହି କଲେଜରେ ଅଧ୍ୟାପକ ଭାବେ ଚାକିରୀ ଆରମ୍ଭ କରି ପ୍ରଫେସର ହେଇ ଚାକିରୀରୁ ଅବସର ନେବ। ଜଣେ ଭଲ ଛାତ୍ର ଭାବେ ମୁଁ ତୁମକୁ କେବଳ ଏତିକି ପ୍ରତିଶୃତି ଦେଇ ପାରିବି। ତେଣିକି ତୁମ ଇଚ୍ଛା।

ଏଥର ବି ଇତିହାସର ପୁନରାବୃତ୍ତି ହେଲା। ମୋର ଇଚ୍ଛା ବିରୁଦ୍ଧରେ ରାଜନୀତି ବିଜ୍ଞାନ ଅନର୍ସ ନେଇ ପଢିବାକୁ ତମେ ଦୁହେଁ ମୋତେ ବାଧ୍ୟ କଲ। କହିଲ - ଭୂଗୋଳରେ ଭବିଷ୍ୟତ ନାହିଁ। ରାଜନୀତି ବିଜ୍ଞାନ ପଢ଼ିଲେ କଲେକ୍ଟର ହେବୁ। ଯେମିତି ବାଡି ପଛପଟେ କଲେକ୍ଟର ଫଳ ଫଳିଚି। ଖାଲି ତୋଳି ପାରିଲେ ହେଲା !!

ଯଥା ସମ୍ଭବ ଶାନ୍ତ କଣ୍ଠରେ ଉପଦେଶ ଦେବା ଭଙ୍ଗୀରେ ବଡ଼ଭାଇ କହିଲେ - ବିଧି ଲିଖନ କଣ ଅନ୍ୟଥା ହେଇ ପାରେ। ଅବଶ୍ୟ ପରେ ମୁଁ ଅନୁଭବ କଲି ଭୂଗୋଳ ପରିବର୍ତ୍ତେ ରାଜନୀତି ବିଜ୍ଞାନ ପଢ଼ିବା ପାଇଁ ତୋତେ ବାଧ୍ୟ କରିବା ଗୋଟେ ଭୁଲ ନିଷ୍ପତ୍ତି ଥିଲା। ହେଲେ ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବହି ଯାଇଥିଲା। ଆଉ ଯେ ତୁ କହିଲୁ ତୋ ସ୍କଲାର୍ସିପ ଟଙ୍କା ଫର୍ଜରି କରି ମୁଁ କାଢି ନେଉଥିଲି...ତାହା ସତ୍ୟ। ସେତେବେଳେ ଯାହା ଘଟି ଥିଲା, ତାହା ଦୁର୍ବଳ ମୁହୂର୍ତ୍ତର ଅଭିବ୍ୟକ୍ତି। ଏବେ ତାହାର ପ୍ରାସଙ୍ଗିକତା କିଛି ନାହିଁ। ଜୀବନର ପରବର୍ତ୍ତୀ କାଳରେ ଅବଶ୍ୟ ମୁଁ ଯଥେଷ୍ଟ ସଂଯମତା ରକ୍ଷା କରି ଆସିଚି।

ରାଘବେନ୍ଦ୍ର କହିଲେ - ହଁ, ମାତୃସ୍ଥାନୀୟ ମହିଳା ମାନଙ୍କୁ ଅସଦାଚରଣ କରିବା ବୋଧହୁଏ ଆମ୍ ସଂଯମତା।

ରୋଷଭରା କଣ୍ଠରେ ବଡ଼ଭାଇ କହିଲେ - ବହୁତ ବଡ଼ବଡ଼ କଥା କହୁଚୁ ରେ। ତୋ ମାଇପ ଆଉ ଝିଅକୁ ମୋ ପାଖକୁ ପଠେଇଦେ। ଥରେ ମୋ ପୁଅ ଚେଷ୍ଟା କରି ଅସଫଳ ହେଇଥିଲା। ମୋର କିନ୍ତୁ ଅସଫଳତାର ରେକର୍ଡ ଆଦୌ ନାହିଁ କହିଲେ ଚଳେ। ଏଥର ଚିତ୍କାର କରି ଉଠିଲେ ରାଘବେନ୍ଦ୍ର - ଶଃ ତୁ ମଣିଷ ନା ରାକ୍ଷସ। ଏମିତି ପାପ କଥା କହିବା ପୂର୍ବରୁ ତୋ ଜିଭ ଛିଣ୍ଡି ପଡିଲାନି କେମିତି। ତୋ ଭଳି ଗୋଟେ ପାପୀକୁ ରକ୍ତ ଦେଇ ବଞ୍ଚେଇବା ମୋର ଗୋଟେ ମସ୍ତବଡ ଭୁଲ ଥିଲା। ଅସଫଳ ଅସ୍ତ୍ରୋପଚାର ଓ ରକ୍ତ ଅଭାବ ଜନିତ ସମସ୍ୟା ହେତୁ ତୋର ମୃତ୍ୟୁ ହୋଇଥିଲେ ଏମିତି ପାପ ଚିନ୍ତା ତୋ ମନକୁ ଆସି ନଥାନ୍ତା କିମ୍ବା ପାପ କଥା ତୋ ପାଟିରୁ ବାହାରି ନଥାନ୍ତା। ପୁଣି ଭିଜିଲାନ୍ସ ଜାଲରେ ପଡ଼ି ଲୋକଙ୍କ ଠାରୁ ଲାଞ୍ଚ ନେବା ଅପରାଧରେ ଜେଲ ଯିବା ସମୟରେ ତୋ ପାଖରେ ଛିଡା ହେବା ଏବଂ ଜାମିନରେ ତୋତେ ଜେଲରୁ ମୁକୁଳେଇବା ମୋର ଆଉ ଏକ ଭୁଲ୍ ଥିଲା। କାହିଁ ସେତେବେଳେ ତ ପୁଅ, ମାଇପ କାହାରି ହେଲେ ଦେଖା ନଥିଲା । ତୋ ଭଳି ଗୋଟେ ହୀନ, ସ୍ୱାର୍ଥପର, କଳଙ୍କିତ ଚରିତ୍ର ଭାଇ ପଦବାଚ୍ୟ ହେଇ ନପାରେ। ବାସ୍ତବରେ ତୁ ଗୋଟେ ରାକ୍ଷସ ।।


ଉଦଳା, ମୟୂରଭଞ୍ଜ
ମୋ:୯୪୩୯୨୯୫୦୦୯

# ଆଇପିଏଲ୍ ସିଜନ ପାଇଁ ରାଜସ୍ଥାନ ରୟାଲ୍ସ ଜର୍ସି ଉନ୍ମୋଚିତ




**ଜୟପୁର**

ଆଗାମୀ ଆଇପିଏଲ୍ ସିଜନ ପାଇଁ ରାଜସ୍ଥାନ ରୟାଲ୍ସ ଅନ୍ତିମ ଦଳ ଭାବେ ଅଫିସିଆଲ ଜର୍ସି ଉନ୍ମୋଚନ କରିଛି। ଫ୍ରାଞ୍ଚାଇଜ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ନୂଆ ସିଜନର ନୂଆ ଜର୍ସି ଉପସ୍ଥାପନ କରାଯାଇଥିଲା।

ରାଜସ୍ଥାନ ରୟାଲ୍ସ ପକ୍ଷରୁ ଅଫିସିଆଲ ସୋସିଆଲ ମିଡ଼ିଆ ପୃଷ୍ଠାରେ ଏହି ଜର୍ସିର ଫଟୋ ଅପଲୋର୍ଡ କରାଯାଇ ଲେଖାଯାଇଥିଲା, 'ନୂଆ ଜର୍ସି, ପୁରୁଣା ହଲ୍ଲା ବୋଲ୍'। ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଅଧିନାୟକ ରିୟାନ ପରାଗ, ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ, ଲେଗ ସ୍ପିନର ରବି ବିଷ୍ଣୋଇ ଯୋଗ ଦେଇଥିଲେ। ଗତ ନିଲାମରେ ରାଜସ୍ଥାନ ରୟାଲ୍ସ ବିଷ୍ଣୋଇଙ୍କୁ ୭.୨ କୋଟି ଟଙ୍କା ମୂଲ୍ୟରେ କିଣିଥିଲା। ସୂଚନାଯୋଗ୍ୟ, ରାଜସ୍ଥାନ ରୟାଲ୍ସ ଦଳ ଆସନ୍ତା ୨୬ ତାରିଖରେ ଗୌହାଟୀ ପହଞ୍ଚିବ। ସେଠାରେ ୩ ଦିନ ଅଭ୍ୟାସ କରିବା ପରେ ଦଳ ୩୦ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ ଓ ୫ ଥର ଚାମ୍ପିଅନ୍ ଚେନ୍ନାଇ ସୁପରକିଙ୍ଗ୍ସଙ୍କୁ ସାମ୍ନା କରିବ।

# ଗୋଟିଏ ସିଜିନରେ ସର୍ବାଧିକ ଛକା ମାରିବାର ରେକର୍ଡ ଭାଙ୍ଗିବେ କୋହଲି !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ପାଇଁ ଅଭ୍ୟାସ ଜାରି ରଖିଛନ୍ତି ବିରାଟ କୋହଲି। ଆରସିବି କ୍ୟାମ୍ପରେ ଯୋଗଦେଇଥିବାବେଳେ ଝାଳବୁହା ପରିଶ୍ରମ ଜାରି ରଖିଛନ୍ତି ବିରାଟ। ଆସନ୍ତା ୨୮ ତାରିଖରେ ଖେଳାଯିବ ଉଦ୍‌ଘାଟନୀ ମ୍ୟାଚ୍। ଆରସିବି ଉଦ୍‌ଘାଟନୀ ମ୍ୟାଚ୍‌ରେ ମଇଦାନକୁ ଓହ୍ଲାଉଥିବାବେଳେ ବିରାଟଙ୍କ ଉପରେ ଫ୍ୟାନ୍ସଙ୍କ ନଜର ରହିଛି। ଟି-୨୦ ଏବଂ ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା କହିଥିବା କୋହଲି କେବଳ ଦିନିକିଆରେ ଖେଳ ଜାରି ରଖିଛନ୍ତି। ଏହାସହ ଆଇପିଏଲରେ ତାଙ୍କର ଝଲକ୍ ପାଉଛନ୍ତି ଫ୍ୟାନ୍ସ। ଏଣୁ ତାଙ୍କ ପାଖରୁ ବଡ଼ ଆଶା ରଖିଛନ୍ତି।




ବିରାଟ କୋହଲି ଫ୍ୟାନକ୍ଲବ୍ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି। ଯେଉଁଥିରେ ବିରାଟ କୋହଲି ବ୍ୟାଟିଂ କରୁଛନ୍ତି। ଚୌକା ଅପେକ୍ଷା ସେ ଅଧିକ ଛକାରେ ଡିଲ୍ କରୁଥିବା ଦେଖିବାକୁ ମିଳୁଛି। ପଡ଼ିଆର ଚାରିପାଖରେ ସେ ବଡ଼ ବଡ଼ ସଟ୍ ଖେଳୁଥିବା ନଜର ଆସିଛନ୍ତି। ଯେଉଁ କାରଣରୁ ସେ ଚଳିତ ସିଜିନରେ ସର୍ବାଧିକ ଛକା ମାରିବାର ରେକର୍ଡ କରିବେ ବୋଲି କୁହାଯାଉଛି। ବିରାଟ ଗୋଟିଏ ସିଜିନରେ ସର୍ବାଧିକ ୩୮ଟି ଛକା ମାରିଛନ୍ତି। ୨୦୧୬ ମସିହାରେ ସେ ଏହି ରେକର୍ଡ କରିଥିବାବେଳେ ଏହା ତାଙ୍କର ସର୍ବୋତ୍ତମ। ସେପଟେ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଗୋଟିଏ ସିଜିନରେ ସର୍ବାଧିକ ଛକା ମାରିବାର ରେକର୍ଡ ଅଭିଶେକ ଶର୍ମାଙ୍କ ନାଁରେ ରହିଛି। ସେ ୨୦୨୪ରେ ୪୨ ଛକା ମାରିଥିଲେ।

ସେପଟେ ଗୋଟିଏ ଆଇପିଏଲ ସିଜିନରେ ସର୍ବାଧିକ ଛକା ମାରିବାର ରେକର୍ଡ ରହିଛି ୟୁନିଭର୍ସନାଲ ବସ୍ ଭାବେ ଜଣାଶୁଣା କ୍ରିସ୍ ଗେଲଙ୍କ ନାମରେ। ସେ ଗୋଟିଏ ସିଜିନରେ ସର୍ବାଧିକ ୫୯ଟି ଛକା ମାରିଛନ୍ତି। ମାତ୍ର ୧୫ ମ୍ୟାଚ୍‌ରେ ସେ ଏହି ରେକର୍ଡ କରିଛନ୍ତି। ୨୦୧୧ ମସିହାରେ ଏହି ରେକର୍ଡ କରିଛନ୍ତି। ଯେଉଁ ରେକର୍ଡକୁ ବିରାଟ ଭାଙ୍ଗିବେ ବୋଲି ଆଶା କରା ଯାଉଛି। ସେ ଚଳିତ ସିଜିନରେ ୬୦ରୁ ଅଧିକ ଛକା ମାରିବେ ବୋଲି ଫ୍ୟାନ୍ସମାନେ ଆଶା ରଖିଛନ୍ତି। ଦମଦାର ଫର୍ମରେ ରହିଛନ୍ତି କୋହଲି। ଗତବର୍ଷ ୯ଟି ଦିନିକିଆ ଖେଳିଥିବା ବେଳେ ୩ ଶତକ ଏବଂ ୩ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ରୋନାଲ୍ଡୋଙ୍କ ୯୦୦ ଗୋଲ୍ ଏଲିଟ୍ ତାଲିକାରେ ମେସି



**ଫୋର୍ଟ ଲାଉଡରଡେଲ୍**

ଆର୍ଜେଣ୍ଟିନା ଫୁଟ୍‌ବଲ୍ ତାରକା ଲିଓନେଲ ମେସି ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ଭାବେ ୯୦୦ ଗୋଲ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ଏଠାରେ ଖେଳାଯାଇଥିବା କନ୍‌କାକାଫ୍ ଚାମ୍ପିଅନ୍ସ କପ୍ ରାଉଣ୍ଡ-୧୬ରେ ସେ ଏହି ସଫଳତା ପାଇଥିଲେ। ନାସଭିଲେ ଏସ୍ ବିପକ୍ଷ ଏହି ଦ୍ୱିତୀୟ ଲେଗ୍ ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ମିଆମିରୁ ଖେଳୁଥିବା ମେସି ଗୋଲ୍ ଦେଇଥିଲେ। ହେଲେ ତାଙ୍କର ଏହି ଗୋଲ୍ ମିଆମିକୁ ଆଗକୁ ନେବାରେ ଯଥେଷ୍ଟ ହୋଇ ନଥିଲା। ନାସ୍‌ଭିଲେ ଶେଷ ସମୟରେ ଗୋଲ୍ ଦେଇ ମ୍ୟାଚ୍ ଅମୀମାଂସିତ ରଖିବା ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲା। ପୂର୍ବରୁ ଏହି ୯୦୦ ଗୋଲ୍ ତାଲିକାରେ କେବଳ ପର୍ତ୍ତୁଗିଜ୍ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ (୯୬୫) ରହିଥିଲେ। ମେଜର ଲିଗ୍ ସକ୍କରରେ ୨୦୨୩ରୁ ମିଆମି ପକ୍ଷରୁ ମେସି ୮୧ ଗୋଲ୍ ଦେଇ ସାରିଛନ୍ତି। ୨୦୦୫ରେ ବାର୍ସିଲୋନା ପକ୍ଷରୁ ପ୍ରଥମ ଗୋଲ୍ ଦେବାର ୨୧ ବର୍ଷ ପରେ ମେସି ୯୦୦ ଗୋଲ୍‌ର ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ମେସିଙ୍କ ଏହି ୯୦୦ ଗୋଲ୍‌ରେ ରହିଛି ବାର୍ସିଲୋନା ପକ୍ଷରୁ ୬୭୨, ପାରିସ୍ ସେଣ୍ଟ-ଜର୍ମାନ ପକ୍ଷରୁ ୩୨, ଇଣ୍ଟର ମିଆମି ପକ୍ଷରୁ ୮୧ ଓ ଆର୍ଜେଣ୍ଟିନା ପକ୍ଷରୁ ୧୧୫।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଘୋଷଣା ହେଲା ତାରିଖ ଓ ସ୍ଥାନ

**ନୂଆଦିଲ୍ଲୀ**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ସଂସ୍କରଣ ୨୦୨୭ ଅକ୍ଟୋବର ୨୯ରୁ ନଭେମ୍ବର ୪ ମାଲ୍‌ଟା ଓ ଗୋଜୋରେ ହେବ। ଉଦ୍‌ଘାଟନୀ ଉତ୍ସବ ଅକ୍ଟୋବର ୨୯ରେ ଏହାପଛକୁ ଅକ୍ଟୋବର ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ୬ଦିନ ଆକ୍ସନରେ ଭରପୁର କ୍ରୀଡ଼ା କାର୍ଯ୍ୟକ୍ରମ ହେବ। ୮ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା ସୁଇମିଂ ଓ ପାରା ସୁଇମିଂ, ଆଥଲେଟିକ୍ସ ଓ ପାରା ଆଥଲେଟିକ୍ସ, ନେଟବଲ୍, ସେଲିଂ ସ୍କ୍ୱାଶ, ଟାଇଥଲନ, ୱାଟର ପୋଲୋ ଏବଂ ୱେଟ୍‌ଲିଫ୍ଟିଂ। ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେଲିଂ ଓ ୱାଟରପୋଲୋକୁ ପ୍ରଥମଥର ସାମିଲ କରାଯାଇଛି। ଏଥିରେ ୭୪ ରାଜ୍ୟଗୋଷ୍ଠୀ ଦେଶ ଅଞ୍ଚଳର ୧୪ରୁ ୧୮ ବର୍ଷ ବୟସବର୍ଗର ପ୍ରାୟ ୧,୨୦୦ ଆଥଲେଟ ଭାଗ ନେବେ ବୋଲି ଆଶା କରାଯାଉଛି। ବଛାଯାଇଥିବା ଭେନ୍ୟୁଗୁଡ଼ିକ ମଧ୍ୟରେ ରହିଛି କୋଟୋନେରା ଇନ୍‌ଡୋର ପୁଲ୍, ଟାଲ୍‌କ୍ରୋକ୍ ନ୍ୟାସନାଲ ପୁଲ୍, ମାର୍ସ ଆଥଲେଟିକ୍ସ ଷ୍ଟାଡିୟମ, ମାର୍ସା ସ୍ପୋର୍ଟସ ସେଣ୍ଟର, ମେଲିହା ବେ' ଗୋଜୋ ଇନ୍‌ଡୋର ସ୍ପୋର୍ଟ୍ସ ପ୍ୟାଭିଲିଅନ ଓ ମାର୍ସାଲ ଫର୍ନ ବେ'।

# ରାଜସ୍ଥାନ ରୟାଲ୍ସ ଟିମ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିବ ବଡ଼ ଦାୟିତ୍ୱ

**ନୂଆଦିଲ୍ଲୀ**

ପୁଣି ଚର୍ଚ୍ଚାରେ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ଏଥର ସେ ଆଇପିଏଲରେ ଓପନିଂ କରିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆଇପିଏଲ୍ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସ ବି ନୂଆ ରଙ୍ଗରେ ଦେଖାଯିବ। ଆରଆରର ଖେଳାଳି ଏକ ନୂଆ ଡିଜାଇନ ଥିବା ଜର୍ସିରେ ଦେଖାଯିବେ। ଏଥର ଟିମ୍‌ରେ ସଞ୍ଜୁ ସାମସନ ନାହାନ୍ତି, ଏଥିଲାଗି ଅଧିନାୟକ ଦାୟିତ୍ୱ ୨୪ବର୍ଷୀୟ ରିୟାନ ପରାଗ ସମ୍ଭାଳିବେ। କିନ୍ତୁ ରିୟାନଙ୍କଠାରୁ ଅଧିକ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଚର୍ଚ୍ଚାରେ ରହିବେ। କୋଚ୍ କୁମାର ସାଙ୍ଗାକାରା ବି ଆଶା ରଖିଛନ୍ତି କି ଏଥର ବୈଭବ ରାଜସ୍ଥାନ ଟିମ୍ ଲାଗି ଟ୍ରମ୍ପକାର୍ଡ଼ ସାବ୍ୟସ୍ତ ହୋଇପାରନ୍ତି।

ରାଜସ୍ଥାନ ରୟାଲ୍ସ ଟିମ୍ ଏକାଠି ହୋଇସାରିଛନ୍ତି ଏବଂ ଜୟପୁରସ୍ଥିତ ସବାଇ ମାନ ସିଂହ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଏହା ଆରଆର ଟିମ୍‌ର ହୋମ୍ ଗ୍ରାଉଣ୍ଡ ଅଟେ। କିନ୍ତୁ ରାଜସ୍ଥାନ ଟିମ୍ ନିଜର କିଛି ହୋମ୍ ମ୍ୟାଚ୍ ଗୌହାଟିରେ ଖେଳିବ। ଆଇପିଏଲ୍ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଟିମର



ମୁଖ୍ୟ କୋଚ୍ କୁମାର ସାଙ୍ଗାକାର ଏବଂ ଅଧିନାୟକ ରିୟାନ ପରାଗ ପ୍ରେସ କନଫେନ୍ସରେ ଟିମ୍‌ର ରଣନୀତି ଉପରେ କଥା ହୋଇଛନ୍ତି। ଆଗାମୀ ସିଜନ ଲାଗି ବୈଭବ ସୂର୍ଯ୍ୟବଂଶୀ ଟିମର ଷ୍ଟାର ଖେଳାଳି ହେବେ କାରଣ ଅଧିନାୟକ ରିୟାନ ପରାଗ ସ୍ପଷ୍ଟ କରି ଦେଇଛନ୍ତି କି ସୂର୍ଯ୍ୟବଂଶୀ ଟିମ୍ ଲାଗି ଟ୍ରମ୍ପକାର୍ଡ଼ ସାବ୍ୟସ୍ତ ହୋଇପାରନ୍ତି। ଏହାସହ ସେ ଏହା ବି ସ୍ପଷ୍ଟ କରି ଦେଇଛନ୍ତି ସଞ୍ଜୁ ସାମସନ ଯିବା ପରେ ଓପନିଂ ସ୍ଥାନ ଖାଲି ହୋଇଛି। ଏହାକୁ ବୈଭବ ସୂର୍ଯ୍ୟବଂଶୀ ହିଁ ସମ୍ଭାଳିବେ। ବୈଭବ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ଯୋଡ଼ି ରାଜସ୍ଥାନ ଟିମ୍ ଲାଗି ପାଳିର ଆରମ୍ଭ କରୁଥିବା ଦେଖାଯିବେ।

# ଏମ୍‌ଏସ୍ ଧୋନିଙ୍କ ନାଁରେ ଥିବା କ୍ରିକେଟ ଷ୍ଟାଡିୟମ ସିଲ୍

**ନୂଆଦିଲ୍ଲୀ**

ଭାରତକୁ ଦୁଇଟି ବିଶ୍ୱକପ୍ ଜିତାଇଥିବା କ୍ୟାପଟେନ୍ କୁଲ୍ ମହେନ୍ଦ୍ର ସିଂହ ଧୋନିଙ୍କ ନାଁରେ ଥିବା କ୍ରିକେଟ୍ ଷ୍ଟାଡିୟମ ହେଲା ସିଲ୍। ଜୟପୁରରେ ଥିବା ଏହି କ୍ରିକେଟ ଷ୍ଟାଡିୟମ୍ ଉପରେ ୪୨ ଲକ୍ଷ ଟଙ୍କା ବକେୟା ରହିଛି। ବହୁବାର ନୋଟିସ୍ ପରେ ମଧ୍ୟ ପେମେଣ୍ଟ କ୍ଲିଅର ନହେବା କାରଣରୁ ଜୟପୁର ନଗର ନିଗମ (ଜେଏମସି) ସିଲ୍ କରିବା ନେଇ ମ୍ୟୁନିସିପାଲିଟି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମାମଲା ସହର ବିକାଶ ଟ୍ୟାକ୍ସ ସହିତ ଜଡ଼ିତ। ଜେଏମସି ଅଧିକାରୀଙ୍କ କହିବା ଅନୁସାରେ, ଅପରେଟର୍ସଙ୍କ ଉପରେ ୪୨ ଲକ୍ଷ ଟଙ୍କା ବକେୟା ଥିଲା। ନୋଟିସ୍ ପରେ ପେମେଣ୍ଟ ନହେବାରୁ ଆକ୍ସନ ନିଆଯାଇଛି। ମୂରଲିପୁରା ଜୋନର ଡେପୁଟି କମିଶନର ପବନ




କୁମାର ଶର୍ମା କହିଛନ୍ତି, ଷ୍ଟାଡିୟମରେ ଏହି ବକେୟା ୨୦୦୭ରୁ ୨୦୨୫ ଭିତରେ ଜମା ହୋଇଯାଇଥିଲା। ବହୁବାର ରିମାଇଣ୍ଡ କରିବାପରେ ବି ପେମେଣ୍ଟ ହୋଇନଥିଲା। ଏହି କାରଣରୁ ସିଭିକ୍ ରେଭିନ୍ୟୁ ଟିମ୍ ଷ୍ଟାଡିୟମକୁ ସିଲ୍ କରିଦେଇଥିଲେ। ଷ୍ଟାଡିୟମର ନାଁ ଯଦିଓ ଧୋନିଙ୍କ ନାଁରେ ରହିଛି, କିନ୍ତୁ ଏହାର ପୂର୍ବତନ କ୍ରିକେଟରଙ୍କ ସହ କୌଣସି ସମ୍ପର୍କ ନାହିଁ। ଯଦିଓ କିଛି ଗଣମାଧ୍ୟମ ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଏମଏସ ଧୋନିଙ୍କ ଏକାଡେମୀ ପୂର୍ବରୁ ଏହି ଷ୍ଟାଡିୟମରେ ଚାଲିଥିଲା। ଧୋନି ୨୦୨୦ରେ ଜୟପୁରରେ ତାଙ୍କର ଏକାଡେମୀ ଖୋଲିଥିଲେ, କିନ୍ତୁ ପରେ ତାଙ୍କ ସାଥୀ ମିହିର ଦିବାକରଙ୍କ ସହ ତାଙ୍କର ସମ୍ପର୍କ ତିକ୍ତ ହୋଇଗଲା। ଧୋନି ମିହିରଙ୍କ ବିରୁଦ୍ଧରେ ୧୫ କୋଟି ଠକେଇ ପାଇଁ ଏକ ଫୌଜଦାରୀ ମାମଲା ମଧ୍ୟ ଦାୟର କରିଥିଲେ। ଏହି ମାମଲାରେ ମିହିରଙ୍କୁ ୨୦୨୪ରେ ଗିରଫ କରାଯାଇଥିଲା। ସେ ଜୟପୁରରେ ଏକାଡେମୀର ନିର୍ଦ୍ଦେଶକ ଅଛନ୍ତି।

ଜେଏମସି ଏହି ଅଭିଯାନରେ, ମୁରଲିପୁରା ଜୋନର କିଛି ଦୋକାନ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯେଉଁ ଦୋକାନଗୁଡିକର ନଗର ଉନ୍ନୟନ ଟିକସ ପ୍ରାୟ ୨ଲକ୍ଷ ଟଙ୍କା ଥିଲା, ସେମାନଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଜେଏମସି ଅନ୍ୟ ଜୋନରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜଗତପୁରା ଜୋନରେ ତିନୋଟି ସମ୍ପତ୍ତିକୁ ବକେୟା ଟିକସ ପାଇଁ ସିଲ୍ କରାଯାଇଥିଲା। ସେହିପରି, ସାଙ୍ଗାନେର ଜୋନରେ ଛଅଟି ସମ୍ପତ୍ତିକୁ ନଗର ଉନ୍ନୟନ ଟିକସ ପାଇଁ ସିଲ୍ କରାଯାଇଥିଲା।

# ୨୦୨୭ ଯାଏଁ କାର୍ଯ୍ୟକାଳ ବଢ଼ାଇବା ପାଇଁ ଦାବି କଲେ ଅଜିତ ଅଗରକର

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ଜିତିବା ପରେ ଟିମ୍ ଇଣ୍ଡିଆର ଚିଫ୍ ସିଲେକ୍ଟର ଅଜିତ ଅଗରକର ବିସିସିଆଇ ଆଗରେ କରିଛନ୍ତି ବଡ଼ ଡିମାଣ୍ଡ। ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡଙ୍କୁ କହିଛନ୍ତି, ୨୦୨୭ ୱାନଡେ ୱାର୍ଲ୍ଡକପ୍ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳକୁ ବଢାଇ ଦିଆଯାଉଛି। ଅଗରକରଙ୍କ ଏହି ଅନୁରୋଧ ଏଭଳି ସମୟରେ ଆସିଛି ଯେତେବେଳେ ଟିମ୍ ଇଣ୍ଡିଆ ତାଙ୍କ ଦେଖାଶୁଣାରେ ତିନି ଆଇସିସି ଟାଇଟଲ (ଟି-୨୦ ବିଶ୍ୱକପ୍ ୨୦୨୪, ଚାମ୍ପିଅନ୍ସ ଟ୍ରଫି ୨୦୨୫



ଓ ଟି୨୦ ବିଶ୍ୱକପ୍ ୨୦୨୬) ଜିତି ସାରିଛି।

ଅଗରକରଙ୍କ କନଟ୍ରାକ୍ଟ ଆଇପିଏଲ ୨୦୨୫ ପୂର୍ବରୁ ବର୍ଷକ ପାଇଁ ବଢାଇ ଦିଆଯାଇଥିଲା। ଏବେ ଭାରତ ଦ୍ୱାରା ଘରୋଇ ମାଟିରେ ଟି-୨୦ ୱାର୍ଲ୍ଡକପ୍ ଟାଇଟଲ ଡିଫେଣ୍ଡ କରିବାର ଠିକ୍ ଏକ ସପ୍ତାହ ପରେ ଅଗରକର ଆଗାମୀ ୫୦ ଓଭର ୱାର୍ଲ୍ଡକପ୍ ପର୍ଯ୍ୟନ୍ତ ଦାୟିତ୍ୱ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ବିସିସିଆଇ ଅଧ୍ୟକ୍ଷ ମିଥୁନ ମନହାସ ଓ ସଚିବ ଦେବଜିତ ସାଇକିଆଙ୍କ ପକ୍ଷରୁ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନି। କିନ୍ତୁ କୁହାଯାଉଛି ଯେ, ବୋର୍ଡ ଏହା ଉପରେ ଗମ୍ଭୀରତାର ସହ ବିଚାର କରୁଛି।

ଅଗରକରଙ୍କ କାର୍ଯ୍ୟକାଳରେ ଭାରତ ସୀମିତ ଓଭର କ୍ରିକେଟରେ ଅଭୁତ ସଫଳତା ହାସଲ କରିଛି। ଭାରତ ଗତ ୩୩ ହ୍ୱାଇଟ୍ ବଲ୍ ମ୍ୟାଚ୍‌ରୁ କେବଳ ମାତ୍ର ୨ଟି ହାରିଛି। ୨୦୨୩-୨୫ ରେ ଏସିଆ କପ୍ ମଧ୍ୟ ଜିତିଥିଲା। ଏହାଛଡା ଟେଷ୍ଟ କ୍ରିକେଟରେ ଭାରତର ପ୍ରଦର୍ଶନ ନିରାଶଜନକ ରହିଛି। ଟିମ୍ ତା'ର ଘରେ ଲଗାତାର ଦୁଇଟି ସିରିଜ୍ ହାରିଛି ଓ ବର୍ଡର ଗାଭାସ୍କର ଟ୍ରଫିରେ ମଧ୍ୟ ଶୋଚନୀୟ ପରାଜୟର ସାମନା କରିଛି। ଏହି କାରଣରୁ ବିସିସିଆଇ ଭିତରେ ଏକ ଗୋଷ୍ଠୀ ପଶ୍ଚିମ ଜୋନର କୌଣସି ପୂର୍ବତନ କ୍ରିକେଟରଙ୍କୁ ଏହି ପଦ ପାଇଁ ଦାବିଦାର ବୋଲି ମନେ କରୁଛନ୍ତି।

# ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କଲେ ରାଷ୍ଟ୍ରୀୟ ବିକାଶ ବଞ୍ଜାରା ମିଶନ ସଦସ୍ୟ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୀୟ ବଞ୍ଜାରା ବିକାଶ ମିଶନର ସଦସ୍ୟମାନେ କେନ୍ଦ୍ର ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ତାଙ୍କ ସରକାରୀ ବାସଭବନ ୩, ସବ୍ ଦରଜରଙ୍ଗ ରୋଡ୍‌ଠାରେ ସାକ୍ଷାତ କରି ବଞ୍ଜାରା ଆଦିବାସୀ ସମାଜର କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିକାଶ ମିଶନର ସଭାପତି କ୍ଷୀର ସାଗର ନାଏକ, ସଂପାଦକ ରମେଶ ନାଏକ, ବଲାଙ୍ଗୀର



ଜିଲ୍ଲା ସଭାପତି ଶ୍ରୀ ପ୍ରୀତି ନାଏକ, ଭାଗରଥି ନାଏକ, ନରସିଂହ ନାଏକ, ନନ୍ଦଲାଲ ନାଏକ, ଜୟରାମ ନାଏକ, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରି ବଞ୍ଜାରା ଓ ଲବାଙ୍ଗ ଭିତରେ ଥିବା ଜାତିଗତ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହିଳା ହକି ବିଶ୍ୱକପ -୨୦୨୬ ପାଇଁ ଭାରତର ଯୋଗ୍ୟତା

**ହାଇଦରାବାଦ୍**

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ-୨୦୨୬ ଆସନ୍ତା ଅଗଷ୍ଟ ୧୪ରୁ ୩୦ ପର୍ଯ୍ୟନ୍ତ ବେଲଜିୟମ ଓ ନେଦରଲାଣ୍ଡ୍‌ସରେ ଖେଳାଯିବ। ଏଥିପାଇଁ ଭାରତ ଯୋଗ୍ୟତା ହାସଲ କରିଛି। ହାଇଦରାବାଦ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତ ସେମିଫାଇନାଲରେ ପହଞ୍ଚିବା ସହ ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିଛି। ଭାରତ ଗ୍ରୁପ ଲିଗ୍ ମ୍ୟାଚ୍‌ରେ ୩ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ପ୍ରବେଶ କରିଥିବାରୁ ଭାରତକୁ ବିଶ୍ୱକପ ଖେଳିବା ନେଇ ସୁଯୋଗ ମିଳିଛି। ଭାରତ ଗ୍ରୁପ୍-ବିର ଲିଗ୍ ମ୍ୟାଚ୍‌ରେ ୪-୦ ଗୋଲରେ ଉରୁଗୁଏ ଓ ୪-୧ ଗୋଲରେ ୱେଲସକୁ ପରାସ୍ତ କରିଥିବା ବେଳେ ସ୍କଟଲାଣ୍ଡ ସହ ମ୍ୟାଚ ୨-୨ ଗୋଲ ବରାବର ରଖିଥିଲା।

# ଏକ ଦିବସୀୟ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପୁନଃ ତାଲିମ କାର୍ଯ୍ୟକ୍ରମ-୨୦୨୬ ଉଦ୍‌ଯାପିତ

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଭୁବନେଶ୍ୱର, ଖୋର୍ଦ୍ଧା, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଢେଙ୍କାନାଳରେ ଏକଦିବସୀୟ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପୁନଃ ତାଲିମ କାର୍ଯ୍ୟକ୍ରମ-୨୦୨୬ ସ୍ମାର୍ଟ ଶ୍ରେଣୀ ଗୃହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇତିଶ କୁମାର ବରାଳଙ୍କ ଆବାହକତ୍ୱରେ ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକଦିବସୀୟ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ତାଲିମ କାର୍ଯ୍ୟକ୍ରମ-୨୦୨୬ ଉଦ୍‌ଘାଟିତ ହୋଇ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ




ଇତିଶ କୁମାର ବରାଳ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ବକ୍ତବ୍ୟରେ ଏହି ଅଭିନବ କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ସୃଷ୍ଟି କରିବାପାଇଁ ସମର୍ଥ ହେବ ବୋଲି ଦୃଢ଼ ଆଶା-ପୋଷଣ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକ, ପ୍ରାକ୍ତନ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ଓ ୟୁନେସ୍କୋର ଆଜୀବନ ସଦସ୍ୟ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ, ପି.ଏମ୍. ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ବରିଷ୍ଠ ସ୍ତମ୍ଭକାର ତଥା ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସ୍ୱୀୟ ଅଭିଭାଷଣରେ ଅନ୍ତର୍ଜାତୀୟ ଅଲମ୍ପିକ୍ କମିଟି ପକ୍ଷରୁ ସାରା ପୃଥିବୀର ବିଭିନ୍ନ ଦେଶ ବିଦେଶ ସହିତ ଆମ ଦେଶ ଭାରତ ବର୍ଷରେ ଏହି ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ତାଲିମ କାର୍ଯ୍ୟକ୍ରମ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ହୋଇପାରିବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟସ୍ତରୀୟ ଓସେପାର ମୁଖ୍ୟ ସଂସାଧନ କର୍ମୀ ମାନସ କୁମାର ମହାନ୍ତି, ଅଭିନଭ ବିନ୍ଦ୍ରା ଫାଉଣ୍ଡେସନ ଟ୍ରଷ୍ଟର ପ୍ରକଳ୍ପ ସଂଚାଳକ ଅମିତ୍ ମଲ୍ଲିକ, ତାଲିମ୍ ପ୍ରଦାନକାରୀ ସଦସ୍ୟା ଲକ୍ଷ୍ମୀପ୍ରିୟା ପ୍ରଧାନ ଓ ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରି ତାଲିମ୍ କାର୍ଯ୍ୟକ୍ରମର ଲକ୍ଷ୍ୟ, ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କର ସହଯୋଗ, ଚେଷ୍ଟା ଓ ନିଷ୍ଠା ରହିଲେ ଏହି କାର୍ଯ୍ୟକ୍ରମ ନିଶ୍ଚୟ ସଫଳତା ଲାଭ କରିବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିବା ସହିତ ବିଭିନ୍ନ ଆନୁଷଙ୍ଗିକ ଶ୍ରେଣୀଗୃହ ଓ କ୍ରୀଡ଼ାଙ୍ଗନରେ ଶିକ୍ଷଣ କାର୍ଯ୍ୟକଳାପ ମାଧ୍ୟମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଫାର୍ମାସିଷ୍ଟମାନଙ୍କ ଅବଦାନକୁ ପ୍ରଶଂସା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରୟାଲ୍ କଲେଜ ଅଫ୍ ଫାର୍ମାସି ଏବଂ ହେଲ୍‌ଥ ସାଇନ୍ସର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ଏନ୍. ଉଷାରାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଅଧିକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଫାର୍ମାସିଷ୍ଟମାନଙ୍କ ଅବଦାନକୁ ପ୍ରଶଂସା କରି ଅବହେଳିତ, ନିଷ୍ପେସିତଙ୍କ କ୍ଷେତ୍ରରେ ଉତ୍ତମ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର କଣ୍ଟ୍ରୋଲର ଅଫ୍ ଏଗ୍ଜାମିନେସନ୍ସ, ଓୟୁଏଚ୍‌ଏସ୍ ପ୍ରଫେସର ୱାଇ. ରୋଜା ରମାଣୀ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ତଥା ରୁବି ଆଇ ହସ୍‌ପିଟାଲ୍ ଚେୟାରମ୍ୟାନ୍ ପ୍ରଫେସର ବି. ନାଗେଶ୍ୱର ରାଓ ସୁବୁଦ୍ଧି ଯୋଗ ଦେଇ ଫାର୍ମାସୀ ପେଶର ସାମାଜିକ ସେବାରେ ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଔଷଧର ଅନ୍ତିମ ବ୍ୟବହାରକାରୀଙ୍କ ନିକଟତର ହେବା ପାଇଁ ପରାମର୍ଶ ଦେଇଥିଲେ। ଏହାଛଡ଼ା ରୟାଲ୍ ଏଜୁକେସ୍‌ନାଲ୍ ଏଣ୍ଡ ରିସର୍ଚ୍ଚ ସୋସାଇଟି ଅଧ୍ୟକ୍ଷ ଡା. ଟି. ପ୍ରକାଶ ରାଓ ଉତ୍ତମ ସ୍ୱାସ୍ଥ୍ୟ, ଜ୍ଞାନ ଓ କୌଶଳର ଗୁରୁତ୍ୱକୁ ଉଲ୍ଲେଖ କରି ଛାତ୍ରଛାତ୍ରୀଙ୍କୁ ସ୍ୱାଧ୍ୟାୟ ସମୟରେ ସର୍ବୋତ୍ତମ ଜ୍ଞାନ ଓ କୌଶଳ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଆର୍ସିଫିଏଚଏସ୍ ଉପ ଆଚାର୍ଯ୍ୟ ପ୍ରଫେସର ଉ.ସି. ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସହଯୋଗୀ ପ୍ରଫେସର ଆଶିଷ ସାହୁ ସଭା ପରିଚାଳନା କରିଥିବା ବେଳେ ସହାୟକ ପ୍ରଫେସର ଶୁଭମ୍ ପାଣିଗ୍ରାହୀ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ**

ପୋଷ୍ଟ- ଖରିଆର ରୋଡ, ଜିଲ୍ଲା- ନୂଆପଡ଼ା, ପିନ-୭୬୬୧୦୪
କାର୍ଯ୍ୟନିର୍ବାହୀ ଅଧିକାରୀ-୯୯୩୭୨୩୦୨୬୨
E-mail-nackhrd@rediffmail.com

13001/706/2526

No. 770/ Dt./18/3/2026

DETAILED TENDER CALL NOTICE

| | |
|---|---|
| Name of the Work | Procurement of Sanitary Materials |
| E.M.D | Rs. 10,000.00 |
| Agency | As per eligibility criteria |
| Period of Tender | 2 (Two) Year |
| Cost of Bid documents | Rs.1000/- |
| Sale of documents | From 19/03/2026 to 06/04/2026 up to 4:00. P.M |
| Last date of Receipt of filled up bid documents | Up to.05:00 P.M of. 07/04/2026 |
| Date of Opening of Technical Bid | 11:00 Am of 08/04/2026 |
| Date of Opening of Financial Bid | 01:00 Pm of 08/04/2026 |

OIPR-13001/13270/1/25-26/0001

Sd/- Executive officer
NAC Khariar Road,

# ହରିଶ୍ଚନ୍ଦ୍ରପୁରମ୍ ପିଏଚ୍, ମନ୍ଦାସା ରୋଡ୍ ଏବଂ ପାତପଟନମ୍ ଷ୍ଟେସନରେ ଟ୍ରେନଗୁଡ଼ିକର ପରୀକ୍ଷାମୂଳକ ରହଣି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ଦିନର ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଏବଂ ଏହି ଅଞ୍ଚଳରେ ରେଳ ସଂଯୋଗୀ କରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ, ରେଳ ମନ୍ତ୍ରଣାଳୟ ହରିଶ୍ଚନ୍ଦ୍ର ପୁରମ ପିଏଚ୍, ମନ୍ଦାସା ରୋଡ୍ ଏବଂ ପାତପଟନମ୍ ରେଳ ଷ୍ଟେସନରେ ପରୀକ୍ଷାମୂଳକ ଭାବରେ କିଛି ଯାତ୍ରୀବାହୀ ପାସେଞ୍ଜର ଏବଂ ଏକ୍ସପ୍ରେସ୍ ଟ୍ରେନ ଗୁଡ଼ିକର ରହଣି ପାଇଁ ଅନୁମୋଦନ କରିଛି। ଏହି ଅତିରିକ୍ତ ରହଣିଗୁଡ଼ିକ ନିକଟବର୍ତ୍ତୀ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧା ଏବଂ ସୁଗମ୍ୟତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

୨୦ ମାର୍ଚ୍ଚ ୨୦୨୬ ଠାରୁ କାର୍ଯ୍ୟକାରୀ



ହେଉଥିବା ସମସ୍ତ ରହଣି ଗୁଡିକର ବିବରଣୀ ନିମ୍ନରେ ଦିଆଗଲା :

୧. ଟ୍ରେନ ନମ୍ବର ୫୮୫୦୬ ବିଶାଖାପାଟଣା – ଗୁଣୁପୁର ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ୍ ପିଏଚରେ ସକାଳ ୦୮:୩୩ ରେ ପହଞ୍ଚିବ ଏବଂ ସକାଳ ୦୮:୩୪ ରେ ପ୍ରସ୍ଥାନ କରିବ। ସେହିପରି ଫେରିବା ଦିଗରେ, ଟ୍ରେନ ନମ୍ବର ୫୮୫୦୫ ଗୁଣୁପୁର – ବିଶାଖାପାଟଣା ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ୍ ପିଏଚରେ ସନ୍ଧ୍ୟା ୧୭:୧୮ରେ ପହଞ୍ଚିବ ଏବଂ ସନ୍ଧ୍ୟା ୧୭:୧୯ରେ ପ୍ରସ୍ଥାନ କରିବ। ୨. ଟ୍ରେନ ନମ୍ବର ୧୮୫୨୬ ବିଶାଖାପାଟଣା – ବ୍ରହ୍ମପୁର ଏକ୍ସପ୍ରେସ ମନ୍ଦାସା ରୋଡରେ ସନ୍ଧ୍ୟା ୧୯:୦୩ ରେ ପହଞ୍ଚିବ ଏବଂ ୧୯:୦୪ ରେ ପ୍ରସ୍ଥାନ କରିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୫୨୫ ବ୍ରହ୍ମପୁର – ବିଶାଖାପାଟଣା ଏକ୍ସପ୍ରେସ ମନ୍ଦାସା ରୋଡରେ ସକାଳ ୧୦:୩୮ରେ ପହଞ୍ଚିବ ଏବଂ ୧୦:୩୯ରେ ପ୍ରସ୍ଥାନ କରିବ। ୩. ଟ୍ରେନ ନମ୍ବର ୧୮୧୧୭ ରାଉରକେଲା – ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ ୧୧:୫୧ରେ ପାତପଟନମ୍‌ରେ ପହଞ୍ଚିବ ଏବଂ ୧୧:୫୨ରେ ପ୍ରସ୍ଥାନ କରିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୧୧୮ ଗୁଣୁପୁର – ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ପାତପଟନମ୍‌ରେ ସନ୍ଧ୍ୟା ୧୭:୧୨ରେ ପହଞ୍ଚିବ ଏବଂ ୧୭:୧୩ରେ ପ୍ରସ୍ଥାନ କରିବ। ଯାତ୍ରୀମାନଙ୍କୁ ଅନୁରୋଧ ସେମାନେ ଏହି ପରୀକ୍ଷାମୂଳକ ରହଣି ଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଉନ୍ନତ ଯାତ୍ରା ସୁବିଧାର ଉପଯୋଗ କରନ୍ତୁ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ମାର୍ଚ୍ଚ ୨୦୨୬ ଶୁକ୍ରବାର





### ଶିଳ୍ପାଭିମୁଖୀ ଦକ୍ଷତା ବିକାଶକୁ ସୁଦୃଢ଼ କରିବା ପାଇଁ

# ଆଇଆଇଟି ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଏବଂ ଶିଳ୍ପ-ସମର୍ଥିତ ତାଲିମରେ ସହଯୋଗକୁ ବୃଦ୍ଧି କରିବା ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ ଭୁବନେଶ୍ୱର (ଏସଡିଆଇବି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ୧୯ ମାର୍ଚ୍ଚରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ଏସଡିଆଇବିର ସିଇଓ ଶ୍ରୀ ରଞ୍ଜନ ଭୌମିକଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିଲା। ଆଇଆଇଟି ଭୁବନେଶ୍ୱରରୁ, ପ୍ରଫେସର ଦିନକର ପାସଲା, ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ); ପ୍ରଫେସର ଭି. ପାଣ୍ଡୁ ରଙ୍ଗା, ଡିନ୍ (ନିରନ୍ତର ଶିକ୍ଷା), ଏବଂ ଏସଡିଆଇବି ପକ୍ଷରୁ ରାଜେଶ ତ୍ରିପାଠି, ସିଓଓ ଏବଂ ନିହାର ରଞ୍ଜନ ଦାସ, ଡିଜିଏମ୍ (ପ୍ରଶିକ୍ଷଣ) ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସହଭାଗୀତାର ଲକ୍ଷ୍ୟ ହେଉଛି ଆଇଆଇଟି ଭୁବନେଶ୍ୱରର ଶିକ୍ଷାଗତ ବିଶେଷଜ୍ଞତା ଏବଂ ଏସଡିଆଇବିର ଶିଳ୍ପ-ମୁଖୀ ତାଲିମ ଇକୋସିଷ୍ଟମକୁ ବ୍ୟବହାର କରି ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ସ୍କିଲ୍ ଇଣ୍ଡିଆ ମିଶନ ଅଧୀନରେ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ଏକ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବା। ଏହି ଅବସରରେ ପ୍ରଫେସର କରମଲକର କହିଛନ୍ତି: 'ଏହି ବୁଝାମଣାପତ୍ର ଅଧୀନରେ, ଆଇଆଇଟି ଭୁବନେଶ୍ୱର ପାଠ୍ୟକ୍ରମ ଡିଜାଇନ୍, ପ୍ରଶିକ୍ଷକ ବିକାଶ, ଜ୍ଞାନ ବଣ୍ଟନ, ଏବଂ ଅତ୍ୟାଧୁନିକ ପ୍ରୟୋଗଶାଳା ଏବଂ ତାଲିମ ଭିତ୍ତିଭୂମି ପ୍ରତିଷ୍ଠା ସମେତ ବହୁବିଧ କ୍ଷେତ୍ରରେ ଏସ୍‌ଡିଆଇବିକୁ ଶୈକ୍ଷିକ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ଏହି ସହଯୋଗ ଜାତୀୟ ଶିକ୍ଷା ନୀତି-୨୦୨୦ ସହିତ ସଙ୍ଗତ ଏବଂ ଦକ୍ଷତା ବିକାଶରେ ନବସୃଜନ, ଉଦ୍ୟୋଗୀତା ଏବଂ ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେବ।' ଶ୍ରୀ ଭୌମିକ ତାଙ୍କ ମନ୍ତବ୍ୟରେ କହିଥିଲେ: 'ଏହି ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବେକାର, କମ ନିଯୁକ୍ତି ପାଇଥିବା ଏବଂ ଅବହେଳିତ ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରାସଙ୍ଗିକ ବୈଷୟିକ ଦକ୍ଷତା ସହିତ ସଶକ୍ତ କରି ସେମାନଙ୍କୁ ସଶକ୍ତ କରିବା। ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଅଗ୍ରଣୀ ତୈଳ ପିଏସୟୁ ଦ୍ୱାରା ପ୍ରୋତ୍ସାହିତ ଏକ ମେଗା ବହୁ-ଦକ୍ଷତା ବିକାଶ ପ୍ରତିଷ୍ଠାନ, ଏସଡିଆଇବି, ଏହାର ଉନ୍ନତ ତାଲିମ ସୁବିଧା ମାଧ୍ୟମରେ ଆଗାମୀ ଦଶନ୍ଧିରେ ୫୦,୦୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖିଛି। ଏହି ସହଯୋଗ ମିଳିତ ଭାବରେ ସହମତ ତନ୍ତ୍ର ଏବଂ କମିଟି ମାଧ୍ୟମରେ କାର୍ଯ୍ୟକାରୀ କରାଯିବ, ଯାହା ଦୁଇ ପ୍ରତିଷ୍ଠାନ ମଧ୍ୟରେ ପ୍ରଭାବଶାଳୀ ଜ୍ଞାନ ଆଦାନପ୍ରଦାନ ଏବଂ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବ।' ଏହି ବୁଝାମଣାପତ୍ର ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀମାନଙ୍କୁ ଇର୍ଣ୍ଟର୍ନସିପ୍ କରିବା ଏବଂ ହାତପାଖିଆ ଶିକ୍ଷାରେ ନିୟୋଜିତ ହେବାର ସୁଯୋଗ ପ୍ରଦାନ କରେ, ଯେଉଁଥିରେ ପ୍ରୋଟୋଟାଇପ୍ ବିକାଶ ଏବଂ ଶିଳ୍ପ-ପ୍ରାସଙ୍ଗିକ ଚ୍ୟାଲେଞ୍ଜଗୁଡ଼ିକର ବ୍ୟବହାରିକ ପ୍ରଦର୍ଶନ ଅନ୍ତର୍ଭୁକ୍ତ। ଏହି ରଣନୈତିକ ସହଭାଗୀତା ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ସେତୁ ସ୍ଥାପନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଜାତୀୟ ଦକ୍ଷତା ବିକାଶରେ ଯୋଗଦାନ ଦେବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଆଇଆଇଟି ଭୁବନେଶ୍ୱରର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ।

# ମୁଖ୍ୟମନ୍ତ୍ରୀଙ୍କ ସହିତ ଆଉଟସୋର୍ସିଂ ମହାସଂଘ ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦୀର୍ଘ ନଅ ଦିନ ଧରି ଗାନ୍ଧୀମାର୍ଗରେ ଆନ୍ଦୋଳନ ଜାରି ରଖିଥିବା ସ୍ଥଳେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ଆମନ୍ତ୍ରଣ କ୍ରମେ ରାତ୍ର ୦୮.୩୦ ଘଟିକା ସମୟରେ ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଂଘର ଉପଦେଷ୍ଟା ବିଜୟ ମଲ୍ଲ, ସଭାପତି, ସଞ୍ଜୟ ପଟ୍ଟନାୟକଙ୍କ ପ୍ରତିନିଧିତ୍ୱରେ ଏକ ଆଠଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବାସ ଭବନକୁ ଯାଇଥିଲେ। ଆମର ଏହି ପ୍ରତିନିଧିମଣ୍ଡଳୀଙ୍କ ସହିତ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଭଟଳି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଏକାମ୍ର ବିଧୟକ ବାବୁ ସିଂ, ସରକାରୀ ମୁଖ୍ୟାସଚେତକ ସରୋଜ ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ମଧ୍ୟ ଉପସ୍ଥିତ ଥିଲେ। ଦୀର୍ଘ ଏକ ଘଣ୍ଟାରୁ ଅଧିକ ସମୟ ଧରି ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ। ମୁଖ୍ୟମନ୍ତ୍ରୀ ମାନବିକତାର ପରିଚୟ ପୂର୍ବକ ସଂଘର ସଂପୂର୍ଣ୍ଣ ଘଟଣା ଶୁଣିବା ସହିତ କହିଲେ ମୁଁ ଆଜି ନୁହେଁ ବହୁ ପୂର୍ବରୁ ଆପଣ ମାନଙ୍କ ସମସ୍ୟା ବିଷୟରେ ଚିନ୍ତିତ ଥିଲି। ଆଜି ଆପଣମାନଙ୍କ ଠାରୁ ପୂର୍ଣ୍ଣ ବିବରଣୀ ପାଇବା ପରେ ମୁଁ ନିଜର ଭାବନାକୁ ପରିପ୍ରକାଶ କରିପାରୁ ନାହିଁ । ଆମର ତିନିଦଫା ଦାବି ଯଥାର୍ଥ ବୋଲି କହିଲେ ଏବଂ ଆନ୍ଦୋଳନକୁ ଆସିବା ପରେ ଜାତୀୟ ସ୍ୱାସ୍ଥ୍ୟ ମିସନର ଛଟେଇ ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ତାଙ୍କ ଅତିରିକ ସଚିବଙ୍କୁ ତୁରନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ସଂଘ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ରାଜ୍ୟର ତଥ୍ୟକୁ ଆଧାର କରି ସ୍ଥାୟୀ ନିଯୁକ୍ତି ପାଇଁ ଯାହା ଆନୁଷଙ୍ଗିକ ବ୍ୟବସ୍ଥାର ତର୍ଜମା କରି ଏକ ରିପୋଟ ପ୍ରଦାନ କରିବା ସହ ଆନ୍ଦୋଳନ ସ୍ଥଳକୁ ଯାଇ ତାଙ୍କ ଆନ୍ଦୋଳନକୁ ସ୍ଥଗିତ କରିକି ଆସିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ମୁଖମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭଟଳି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଏକାମ୍ର ବିଧୟକ ବାବୁ ସିଂ ଆମ ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନ କାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରିବା ସହିତ ଆନ୍ଦୋଳନକୁ ସ୍ଥଗିତ କରିବା ପାଇଁ ଅନୁରୋଧ କରିଥିଲେ।

ଏହି ଆନ୍ଦୋଳନ ସଭାକୁ ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଂଘର ଉପଦେଷ୍ଟା ବିଜୟ ମଲ୍ଲ, ସଭାପତି, ସଞ୍ଜୟ ପଟ୍ଟନାୟକ,ମହା ସଚିବ ହେମନ୍ତ ବସ୍ତିଆ, ଦୁଇ ଉପସଭାପତି ଗୌତମ ମହାରଣ୍ୟ, ପୂର୍ଣ୍ଣ ମିଶ୍ର, ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାସ, ଦୀପକ ପାଣି, ଦିବ୍ୟଲୋଚନ ସ୍ୱାଇଁ, ସଚିତ୍ର ଦାଶ, ତାପସ ମିଶ୍ର, ବାମଦେବସାହୁ, ଅଜିଜୁର ରହେମାନ, ବିଶ୍ୱଜିତ ନାଥ, ସନ୍ତୋଷ ସିଂହ, ଦୀପକ ମହାପାତ୍ର, ପ୍ରଭାଷ ଭଟ୍ଟ, ଆଶିଷ ଜଗଦେବ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ବିଭିନ୍ନ ଜିଲ୍ଲା ନେତୃତ୍ୱ ଓ କର୍ମକର୍ତ୍ତା ମାନେ ଆନ୍ଦୋଳନ ପରିଚାଳନା କରିଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିରୋଧୀ ଦଳଙ୍କୁ ...

ପ୍ରଶ୍ନ କରିଥିଲେ । ବିଧାନସଭାରେ ବିରୋଧୀ ଆସି ଆଲୋଚନା କରନ୍ତୁ ନଚେତ ଲୋକେ କ୍ଷମା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ କାମ ପ୍ରତି ଲୋକଙ୍କ ବିଶ୍ୱାସ ଅଛି । ସେଥିପାଇଁ ଉପ ନିର୍ବାଚନ ଓ ରାଜ୍ୟସଭା ନିର୍ବାଚନ ଭଳି ନିର୍ବାଚନରେ ଜନ ସମର୍ଥନ ଆମ ସରକାର ସାଉଁଟୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଗତ ଦୁଇ ବର୍ଷରେ ହିଁ ୨ ଲକ୍ଷ ୧୭ ହଜାରରୁ ଅଧିକ ହେକ୍ଟର ଜମିରେ ଜଳ ସେଚନ ସୁବିଧା ଦିଆ ଯାଇଛି, ଯହିଁରୁ ଅଧିକ ଭାଗ ଜଳସେଚନ-ଅଭାବୀ ଅଞ୍ଚଳରେ ସୃଷ୍ଟି କରାଯାଇଛି। ଆମ ସରକାର ପାଞ୍ଚ ବର୍ଷରେ ଯେଉଁ ୧୫ ଲକ୍ଷ ହେକ୍ଟର ଜମିରେ ଜଳ ସେଚନ ପାଇଁ ଲକ୍ଷ୍ୟ ରଖିଛନ୍ତି, ତାହା ପୂରଣ ହେଲେ ପ୍ରତି ବ୍ଲକର ୩୫ ପ୍ରତିଶତ ନୁହେଁ, ଅନ୍ତତଃ ପକ୍ଷେ ୫୦ ପ୍ରତିଶତ ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆ ଯାଇ ପାରିବ।

ଭବିଷ୍ୟତ ପିଢ଼ି ପାଇଁ ଜଳର ଆବଶ୍ୟକତା ଏବଂ ଜୀବନଧାରଣର ମାନକୁ ଉନ୍ନତ କରିବା ତଥା ଜଳସମ୍ପଦର ବିକାଶ ଓ ଜଳ ସଂରକ୍ଷଣକୁ ଅଧିକ ବ୍ୟାପକ କରିବା ପାଇଁ ଏହି ବଜେଟରେ ବିଭିନ୍ନ ସଂସ୍କାରମୂଳକ ଯୋଜନା କରିବା ପାଇଁ ପ୍ରସ୍ତାବ ରହିଛି । ଯେଉଁଥିପାଇଁ, ଆମ ସରକାର ୨୦୨୬-୨୭ ଆର୍ଥିକ ବର୍ଷରେ, ଜଳସେଚନ ବିଭାଗର କାର୍ଯ୍ୟକ୍ରମ ବ୍ୟୟବରାଦ ଗତ ବର୍ଷ କାର୍ଯ୍ୟକ୍ରମ ବ୍ୟୟବରାଦ ଠାରୁ ୧୪.୨୩ ପ୍ରତିଶତ ବୃଦ୍ଧି କରି ପ୍ରାୟ ୧୪ ହଜାର ୫୦୦ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି ।

ଆମ ସରକାର କ୍ଷମତାକୁ ଆସିବା ପରେ, ୫ ବର୍ଷ ମଧ୍ୟରେ ଅଧିକ ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ଡିସେମ୍ବର ୨୦୨୫ ମସିହା ସୁଦ୍ଧା ୨ ଲକ୍ଷ ୧୭ ହଜାର ୩୩୦ ହେକ୍ଟର ଜମିକୁ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇଅଛି । ତନ୍ମଧ୍ୟରୁ, କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ଡିସେମ୍ବର ମାସ ଶେଷ ସୁଦ୍ଧା ୭୬ ହଜାର ୨୪୭ ହେକ୍ଟର ଜମିକୁ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇଅଛି । ୨୦୨୬-୨୭ ଆର୍ଥିକ ବର୍ଷରେ ଅତିରିକ୍ତ ୩ ଲକ୍ଷ ୩୩ ହଜାର ହେକ୍ଟର ଜମିକୁ ସେଚ ସାମର୍ଥ୍ୟ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି।

ମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲ୍ଲାର ବହୁ ପ୍ରତୀକ୍ଷିତ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ ୨୪ ବର୍ଷ ତଳୁ ବୈଷୟିକ ସ୍ୱୀକୃତି ପାଇଥିଲା । ଏହି ପ୍ରକଳ୍ପର ଡ୍ୟାମ କାର୍ଯ୍ୟ ପାଇଁ ଚୁକ୍ତିନାମା ହୋଇ କାର୍ଯ୍ୟ ଚାଲୁଅଛି । ଏହି ପ୍ରକଳ୍ପ ଦ୍ୱାରା ୩ ହଜାର ୯୯୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ପ୍ରଦାନ କରିବାର ବ୍ୟବସ୍ଥା ହୋଇପାରିବ। ସେହିପରି କଟକ ଜିଲ୍ଲାର ହାଡୁଆ ଡ୍ୟାମ, ବାଲେଶ୍ୱର ଜିଲ୍ଲାର ବାଙ୍କତିରା ବ୍ୟାରେଜ, ନବରଙ୍ଗପୁର ଜିଲ୍ଲାର ତୁରିଗୁଣ୍ଡାତ ବ୍ୟାରେଜ ଓ ମୟୂରଭଞ୍ଜ ଜିଲ୍ଲାର ଖଇରିବନ୍ଧନ ବ୍ୟାରେଜର ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇଛି । ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଓ ସୋନୋ ବ୍ୟାରେଜ ପ୍ରକଳ୍ପର କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁଅଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ରାଜ୍ୟରେ ଜଳସମ୍ପଦର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବାଚନିକ ଭୋଟରେ ଜଳସମ୍ପଦ ବିଭାଗ ଖର୍ଚ୍ଚ ଦାବି ଗୃହର ଅନୁମୋଦନ ଲାଭ କରିଥିଲା।

### ଇରାନ ଆକ୍ରମଣକୁ ...

ଭବିଷ୍ୟତର ସମ୍ପର୍କ କେବଳ ପଡ଼ୋଶୀ ଦେଶଗୁଡ଼ିକର ସାର୍ବଭୌମତ୍ୱ ପ୍ରତି ସମ୍ମାନ ଉପରେ ନିର୍ଭର କରେ। ମନ୍ତ୍ରୀମାନେ କହିଛନ୍ତି, ଇରାନ କୌଣସି ଦେଶକୁ ଧମକ ଦେବା କିମ୍ବା ଏହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ପାଇଁ ଏହାର ସାମରିକ କ୍ଷମତା ବ୍ୟବହାର କରିବା ଉଚିତ୍ ନୁହେଁ।

### ବିଲୁପ୍ତପ୍ରାୟ ଶସ୍ୟର ...

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଖାଦ୍ୟ ହିଁ ପରମ୍ପରାକୁ ଉଜ୍ଜୀବିତ କରି ରଖିଥାଏ, ଏହାର ସୁରକ୍ଷା, ଆମ ପରମ୍ପରାର ସୁରକ୍ଷା। ଏହି ବୁଝାମଣା ପତ୍ର ସ୍ୱାକ୍ଷର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବୁଝାମଣା ପତ୍ର ସ୍ୱାକ୍ଷରିତ ବେଳେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଡ଼ଃ ଗଣେଶ୍ୱର ଜେନା ଉପସ୍ଥିତ ଥିଲେ। ଅବହେଳିତ ଫସଲଗୁଡିକର ତଥ୍ୟାବଳୀ ପ୍ରସ୍ତୁତି ଓ ସଂରକ୍ଷଣ, ପାରମ୍ପରିକ ଓ ଦେଶୀ ପ୍ରଜାତିର ଚାଷର ବିସ୍ତାର, ଅବହେଳିତ ଫସଲର ପୁନର୍ବାର ଚାଷ, ରାଜ୍ୟ ସମ୍ବଳ କେନ୍ଦ୍ର ସ୍ଥାପନା, କମଳା ପୂଜାରୀ ବୃତ୍ତି କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ପାଠଶାଳା, ପାରମ୍ପରିକ ଖାଦ୍ୟର ପୋଷଣ ତଥ୍ୟାବଳୀ, ମୂଲ୍ୟବୃଦ୍ଧି ଏବଂ ବିସ୍ମୃତ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ବ୍ୟବସାୟୀକରଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ।

### ସରକାରୀ ବସ୍ ...

ବାଇକ୍ ରେ ବସିଥିବା ତିନି ଜଣ ଯୁବକ ବସ୍‌ରେ ପିଟି ହୋଇ ଚକା ତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଅଗ୍ନିଶମ ବାହିନୀ ଓ ସୋରଡା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ସୋରଡା ମେଡିକାଲରେ ଆଣି ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନା ଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି।

### ସେୟାର ମାର୍କେଟରେ ...

ଇସ୍ରାଏଲ ମଧ୍ୟ ଇରାନର ଦକ୍ଷିଣ ପାର୍ସ ଗ୍ୟାସ କ୍ଷେତ୍ର ଉପରେ ବିମାନ ଆକ୍ରମଣ ଆରମ୍ଭ କରିଥିଲା। ଏଗୁଡ଼ିକ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ସମ୍ପତ୍ତି। ଫଳସ୍ୱରୂପ, ଏହି ସୁବିଧାଗୁଡ଼ିକର ଯେକୌଣସି କ୍ଷତି ଭବିଷ୍ୟତରେ ଶକ୍ତି ସଙ୍କଟ ଆହୁରି ଗଭୀର ହୋଇପାରେ ବୋଲି ଆଶଙ୍କା ସୃଷ୍ଟି କରେ। ଗୁରୁବାର ଭାରତୀୟ ଟଙ୍କା ମଧ୍ୟ ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚି ୯୩.୩୮ ଛୁଇଁଛି। ଏହି ଅବମୂଲ୍ୟାୟନ ବିଦେଶୀ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି, ଯାହା ଫଳରେ ବଜାରରେ ବିକ୍ରୟ ଚାପ ବୃଦ୍ଧି ପାଇଛି।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ: ୨୮୬ ଜଣ ଶ୍ରଦ୍ଧାଳୁ କଲେ ଶ୍ରୀମୁଖ ଦର୍ଶନ



**କଟକ, ନ୍ୟୁଜ ବ୍ୟୁରୋ**
ଜଗନ୍ନାଥପ୍ରେମୀମାନଙ୍କୁ ଏକ ଭାବପୂର୍ଣ୍ଣ ଆଧାତ୍ମିକ ଅନୁଭୂତି ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଅଧୀନରେ ଜିଲ୍ଲାର ୨୮୬ ଜଣ ଶ୍ରଦ୍ଧାଳୁ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ୧୪ଟି ଯାକ ବ୍ଲକରୁ ଚୟନ ହୋଇଥିବା ୨୯୬ ଜଣ ତୀର୍ଥଯାତ୍ରୀ ଗୁରୁବାର ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ଯୋଗାଇ ଦିଆଯାଇଥିବା ୮ଟି ସ୍ୱତନ୍ତ୍ର ଏସି ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ । ଏହି ଅବସରରେ କଟକ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାରବାଟୀ କଟକ ବିଧାୟିକା ଇଂ ସୋଫିଆ ଫିରଦୋସ୍ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଉପନିର୍ଦ୍ଦେଶକ, ଜିଲ୍ଲା ପର୍ଯ୍ୟଟନ ବିଭାଗ ଶ୍ରୀମତୀ ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ବିଶେଷକରି ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳାମାନଙ୍କୁ ପ୍ରାଥମିକତା ଭିତିରେ ପ୍ରଥମ ପର୍ଯ୍ୟାୟରେ ଜଗନ୍ନାଥ ଦର୍ଶନରେ ସାମିଲ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ଯାତାୟତ, ରହିବା ଓ ଖାଦ୍ୟର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ଶ୍ରଦ୍ଧାଳୁମାନେ ପହଞ୍ଚିବା ପରେ ସେମାନଙ୍କ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ସେମାନଙ୍କୁ ପୁରୀ ନିଆଯାଇ ଶ୍ରୀମନ୍ଦିରରେ ଭିତର କାଠ ଦର୍ଶନ ଓ ମାଗଣାରେ ମହାପ୍ରସାଦ ସେବନର ମଧ୍ୟ ସୁଯୋଗ ମିଳିଛି । ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବସରେ ଜଣେ ଲେଖାଏଁ ପାରାମେଡିକ କର୍ମଚାରୀ ଏବଂ ଦୁଇ ଜଣ ଲେଖାଏଁ ଏସକର୍ଟମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ଯାହା ଏହି ଯାତ୍ରାକୁ ଭୟମୁକ୍ତ ଓ ଆରାମଦାୟକ କରିଛି । ଶ୍ରଦ୍ଧାଳୁମାନଙ୍କୁ ନିଜ ନିଜ ସ୍ଥାନରୁ ବସ୍ ଯୋଗେ ପୁରୀ ନେଇ ଦର୍ଶନ କରାଇବା ପରେ ପୁଣି ନିଜ ନିଜ ସ୍ଥାନରେ ଛାଡିବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଛନ୍ତି ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ରାୟଗଡା ଡିଭିଜନ ନିରୀକ୍ଷଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ, ରାୟଗଡ଼ା ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂଘଲଙ୍କ ସହିତ ରାୟଗଡା ଡିଭିଜନର ଏକ ବିସ୍ତୃତ ଯାଞ୍ଚ କରିଥିଲେ। ଏହି ନୀରିକ୍ଷଣ ସମୟରେ ରାୟଗଡ଼ାରେ ଚାଲିଥିବା ଭିତ୍ତିଭୂମି ବିକାଶ ମୂଳକ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ରାୟଗଡା-ସିଙ୍ଗାପୁର ରୋଡ-ଥେରୁଭାଲି ସେକ୍ସନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ପରିଦର୍ଶନ ସମୟରେ, ଫୁଙ୍କୱାଲ ସିଙ୍ଗାପୁର ରୋଡ୍-ଥେରୁଭାଲି ଷ୍ଟ୍ରେଚ୍, ଷ୍ଟେସନ ଯାର୍ଡ ଏବଂ ତୃତୀୟ ଲାଇନ କାର୍ଯ୍ୟ ଗୁଡିକର ଏକ ବିସ୍ତୃତ ଯାଞ୍ଚ କରିଥିଲେ। ସେ ଟ୍ରାକ୍ ସ୍ଥିତି, ସିଗନାଲିଂ ସିଷ୍ଟମ, ସେତୁ ଏବଂ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ରାୟଗଡା ରେଳ ଷ୍ଟେସନକୁ ମଧ୍ୟ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଯାତ୍ରୀ ସୁବିଧା ଗୁଡିକର ମୂଲ୍ୟାଙ୍କନ କରିବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏଥିରେ ରେଳ କାର୍ଯ୍ୟାଳୟ ଭିତ୍ତିଭୂମି, ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଏବଂ ନୂତନ ଭାବେ ନିର୍ମିତ ହେଉଥିବା ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଭବନର ନିର୍ମାଣ ଅନ୍ତର୍ଭୁକ୍ତ ଥିଲା। ରେଳ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଫୁଙ୍କୱାଲ ସୁରକ୍ଷା ମାନଦଣ୍ଡକୁ କଡାକଡି ଭାବେ ପାଳନ କରିବା ସହିତ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏହି ସେକ୍ସନରେ ଭିତ୍ତିଭୂମି କାର୍ଯ୍ୟର ସାମଗ୍ରିକ ଅଗ୍ରଗତିର ମଧ୍ୟ ସମୀକ୍ଷା କରିଥିଲେ। ଏହି ନୀରିକ୍ଷଣ ସମୟରେ ଆର. ଭି. ଏନ୍. ଏଲ୍.ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଡିଭିଜନର ଅନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ସାମିଲ ଥିଲେ।

# ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ସର୍ଜନ ଡ଼ା. ପ୍ରଦୀପ କୁମାର ସେଠୀଙ୍କ ସୌଜନ୍ୟମୂଳକ ସାକ୍ଷାତ



**ଭୁବନେଶ୍ୱର/ମୁମ୍ବାଇ, ନ୍ୟୁଜ ବ୍ୟୁରୋ**
ଓଡିଶାର ଗର୍ବ ଏବଂ ବିଶ୍ୱ ପ୍ରସିଦ୍ଧ ହେୟାର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡ଼ା. ପ୍ରଦୀପ କୁମାର ସେଠୀ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ତାଙ୍କର ମୁମ୍ବାଇ ଭ୍ରମଣ ସମୟରେ ଶିଷ୍ଟାଚାର ଭେଟ କରିଥିଲେ। ଏହି ସମୟରେ ସେ ଓଡିଶାର କେନ୍ଦୁଝର ଜିଲ୍ଲାରେ ସଞ୍ଚାଳିତ ଉତ୍କଳ ଗୌରବ ଇଣ୍ଟରନ୍ୟାଶନାଲ ସ୍କୁଲ ବିଷୟରେ ବିସ୍ତୃତ ତଥ୍ୟ ଦେଇ ରାଷ୍ଟ୍ରପତିଙ୍କୁ ବିଦ୍ୟାଳୟ ଭ୍ରମଣ ପାଇଁ ଆମନ୍ତ୍ରଣ କରିଥିଲେ। ଡ଼ା. ସେଠୀ କହିଥିଲେ ଯେ ଏହି ବିଦ୍ୟାଳୟ ଗ୍ରାମୀଣ ଏବଂ ଆର୍ଥିକ ଭାବେ ଦୁର୍ବଳ ବର୍ଗର ଶିଶୁମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ଦେବା ପାଇଁ ସଞ୍ଚାଳିତ ହେଉଛି। ବର୍ତ୍ତମାନ ଏଠାରେ ପ୍ରାୟ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି, ଯେଉଁମାନଙ୍କୁ ଆଧୁନିକ ଶିକ୍ଷା ସହିତ ଖେଳକୁଦ ଏବଂ ବ୍ୟକ୍ତିତ୍ୱ ବିକାଶର ସୁବିଧା ମଧ୍ୟ ଦିଆଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରୟାସକୁ ସ୍ତୁତି କରି କହିଥିଲେ ଯେ ସୁଯୋଗ ମିଳିଲେ ସେ ବିଦ୍ୟାଳୟକୁ ଭ୍ରମଣ କରି ଶିଶୁମାନଙ୍କ ସହ ମିଳିବେ ଏବଂ ସେମାନଙ୍କୁ ଉତ୍ସାହିତ କରିବେ। ଡ଼ା. ପ୍ରଦୀପ କୁମାର ସେଠୀ ବିଶ୍ୱର ଅଗ୍ରଣୀ ହେୟାର ଟ୍ରାନ୍ସପ୍ଲାଣ୍ଟ ବିଶେଷଜ୍ଞମାନଙ୍କ ମଧ୍ୟରେ ଗଣ୍ୟ। ତାଙ୍କ ଦ୍ୱାରା ସ୍ଥାପିତ ଯୁଜେନିକ୍ସ ହେୟାର ସାଇନସ୍ସେ ମାଧ୍ୟମରେ ଦେଶ-ବିଦେଶର ହଜାର ହଜାର ରୋଗୀଙ୍କ ସଫଳ ଚିକିତ୍ସା କରାଯାଇଛି। ଡ଼ା. ସେଠୀ ତଥ୍ୟ ଦେଇ କହିଥିଲେ ଯେ ଭୁବନେଶ୍ୱରରେ ମଧ୍ୟ ଶୀଘ୍ର ତାଙ୍କର ଏକ ଅତ୍ୟାଧୁନିକ କେନ୍ଦ୍ର ଆରମ୍ଭ ହେବାକୁ ଯାଉଛି। ସେ କହିଥିଲେ ଯେ ତାଙ୍କର ମାତୃଭୂମି ତାଙ୍କୁ ନିଜ ପ୍ରଦେଶକୁ ଫେରି ଆସି ସେବା କରିବାକୁ ପ୍ରେରିତ କରିଛି। ସେ କହିଥିଲେ ଯେ ଏହି ନୂତନ କେନ୍ଦ୍ର ମାଧ୍ୟମରେ ଓଡିଶାର ଲୋକମାନେ ଏବେ ଆନ୍ତର୍ଜାତୀୟ ସ୍ତରର ହେୟାର ଟ୍ରିଟମେଣ୍ଟ ସେବା ନିଜ ରାଜ୍ୟରେ ପାଇପାରିବେ, ଯାହା ଫଳରେ ସେମାନଙ୍କୁ ଚିକିତ୍ସା ପାଇଁ ବାହାରକୁ ଯିବାକୁ ପଡିବ ନାହିଁ। ଏହା ଉଲ୍ଲେଖନୀୟ ଯେ ଡ଼ା. ସେଠୀ ନିଜ ସଂସ୍ଥାନରେ ଓଡିଶାର ଯୁବମାନଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ନିଯୁକ୍ତି ଯୋଗାଇଛନ୍ତି। ତାଙ୍କର ଏହି ପ୍ରୟାସରେ ରାଜ୍ୟର ଅନେକ ଯୁବକ-ଯୁବତୀ ନିଯୁକ୍ତି ପାଇଛନ୍ତି। ସେ ଲଗାତାର ଓଡିଶାର ଯୁବମାନଙ୍କୁ କୌଶଳ ବିକାଶ ମାଧ୍ୟମରେ ସଶକ୍ତ କରିବା ଏବଂ ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ପାଇଁ କାମ କରୁଛନ୍ତି। ପ୍ରେରଣା ହେଉଛନ୍ତି ଡ଼ା. ସେଠୀ ଦେବଭୂମି ଉତ୍ତରାଖଣ୍ଡରୁ ନିଜ ଚିକିତ୍ସା ଜୀବନର ଆରମ୍ଭ କରିଥିବା ଡ଼ା. ସେଠୀ ଏମ୍ସ ନୂଆଦିଲ୍ଲୀରୁ ଚର୍ମରୋଗରେ ଏମ୍.ଡି. ଉପାଧି ଅର୍ଜନ କରିଛନ୍ତି। ଆଜି ଯୁଜେନିକ୍ସ ହେୟାର ସାଇନସ୍ସେର କେନ୍ଦ୍ର ଦେଶ-ବିଦେଶର ଅନେକ ସହରରେ ସଞ୍ଚାଳିତ ହେଉଛି। ଗ୍ରାମୀଣ ପୃଷ୍ଠଭୂମିରୁ ବାହାରି ଆନ୍ତର୍ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିଥିବା ଡ଼ା. ପ୍ରଦୀପ କୁମାର ସେଠୀ ଆଜି ଓଡିଶା ଏବଂ ଦେଶର ଯୁବମାନଙ୍କ ପାଇଁ ପ୍ରେରଣା ହୋଇଉଠିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ କରିଥିବା ସୁବାସିନୀ ଜେନାଙ୍କ ବାସଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ଅବମାନନା କରି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡିର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ବିଜେବି ନଗର ସ୍ଥିତ ବାସଭବନ ସମ୍ମୁଖରେ ଗୁରୁବାର ଏକ ପ୍ରତିବାଦ ସଭା ଆୟୋଜନ କରିବା ସହ ଶ୍ରୀମତୀ ଜେନା କରିଥିବା ଦଳ ବିରୋଧୀ କାର୍ଯ୍ୟକୁ କଡ଼ା ନିନ୍ଦା କରିଛି ବିଜୁ ମହିଳା ଜନତା ଦଳ । ଏହି ପ୍ରତିବାଦ ସଭାର ନେତୃତ୍ୱ ନେଇଥିବା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ, ଶ୍ରୀମତୀ ସୁଭାସିନୀ ଜେନା ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳରୁ ଟିକେଟ ପାଇ ନିର୍ବାଚିତ ହୋଇଥିଲେ । ରାଜ୍ୟସଭା ନିର୍ବାଚନ ପୂର୍ବରୁ ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶ ଯାହା ରହିବ, ତାକୁ ମାନିବି ବୋଲି କହୁଥିବା ଶ୍ରୀମତୀ ଜେନା ନିର୍ବାଚନ ଦିନ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜୁ ଜନତା ଦଳ ସହିତ ରହି, ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଦଳ ବିରୋଧୀ କାର୍ଯ୍ୟ କରିବା ସହ ନବୀନ ପଟ୍ଟନାୟକଙ୍କ ସହ ବିଶ୍ୱାସଘାତକତା କରିଥିବା ଶ୍ରୀମତୀ ଜେନାଙ୍କୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ।

ଶ୍ରୀମତୀ ଛୁରିଆ ଆହୁରି କହିଥିଲେ ଯେ, ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ ଅର୍ଥ ଲୋଭରେ ଶ୍ରୀମତୀ ଜେନା ଯେଉଁ ଦଳବିରୋଧୀ କାର୍ଯ୍ୟ କରିଛନ୍ତି, ଯଦି ନୈତିକ ସାହସ ଅଛି, ତେବେ ସେ ତୁରନ୍ତ ବିଧାୟିକା ପଦରୁ ଇସ୍ତଫା ଦିଅନ୍ତୁ ।

ଏହି ପ୍ରତିବାଦ ସଭା କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ସର୍ବଶ୍ରୀ ଭାରତୀ ସିଂହ, ନୃପେସ ନାୟକ, କେ. ଶାନ୍ତି, ମାନସୀ ସୁନ୍ଦରରାୟ, ରଞ୍ଜୁଲତା ରାୟ, ପ୍ରଭାସିନୀ ସେଠୀ, ଅଲିଅଳୀ ମଲ୍ଲିକ, ବରିଷ୍ଠ ନେତ୍ରୀ ସାରଳା ସ୍ୱାଇଁ, ସସ୍ମିତା ନନ୍ଦ, ବନଜା ମହାନ୍ତି, ଲୋରା ମହାପାତ୍ର, ଜ୍ୟୋତ୍ସ୍ନା ପରିଡ଼ା, ରୁନୁ ଜେନା, ମୋନାଲିସା ଗନ୍ତାୟତ, ଲକ୍ଷ୍ମୀ ସାହୁ, ଈଲା ସ୍ୱାଇଁ, ତିଲୋତ୍ତମା ଚୌଧୁରୀ, ସ୍ମିତା ସ୍ୱାଇଁ, ସୁସ୍ମିତା ଦାସ ଏବଂ ବିଜୁ ମହିଳା ଜନତା ଦଳର ହଜାର ହଜାର ମହିଳା ସମର୍ଥକ ସାମିଲ ହୋଇଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୦ମାର୍ଚ୍ଚ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ହେଲେ ଜାତୀୟ ଜନଗଣନା ୨୦୨୭ ବ୍ରାଣ୍ଡ ଆମ୍ବାସଡର

**ପୁରୀ, ୧୯/୦୩ ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ବାଲୁକା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ଆଗାମୀ ଜାତୀୟ ଜନଗଣନା ୨୦୨୭ ପାଇଁ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ କରାଯାଇଛି । ଏହି ଦେଶବ୍ୟାପୀ ଅଭିଯାନ ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଯେଉଁଥିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୁରୀର ବିଶ୍ୱପ୍ରସିଦ୍ଧ ବାଲୁକା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଜନଗଣନାରେ ଅଂଶଗ୍ରହଣ କରିବାର ଗୁରୁତ୍ୱ ବିଷୟରେ ନାଗରିକମାନଙ୍କୁ ଶିକ୍ଷିତ ଓ ସଂଗଠିତ କରିବା ପାଇଁ ପ୍ରୟାସ କରିବେ । ବ୍ରାଣ୍ଡ ଆମ୍ବାସଡର ଭାବରେ ସେ ନିଜର ଅନନ୍ୟ ବାଲୁକାକଳା ମାଧ୍ୟମରେ ମୁଖ୍ୟ ବାର୍ତ୍ତାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇ ସଚେତନତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବେ। ସୃଜନଶୀଳ ବାଲୁକାକଳା ମାଧ୍ୟମରେ ସେ ଏହି ପ୍ରକ୍ରିୟାକୁ ଆକର୍ଷଣୀୟ ଏବଂ ସହଜ କରିବା ସହ ବ୍ୟାପକ ସହଯୋଗ ପାଇଁ ଲୋକଙ୍କୁ ଉତ୍ସାହିତ କରିବେ । ପ୍ରଥମ ପର୍ଯ୍ୟାୟ ଓଡ଼ିଶାରେ ଘର ତାଲିକାଭୁକ୍ତ ଓ ଚିହ୍ନଟ ପ୍ରକ୍ରିୟା ଏପ୍ରିଲ ୧୬ରୁ ମେ ୧୫, ୨୦୨୬ ପର୍ଯ୍ୟନ୍ତ ଚାଲିବ।



ପରେ ଅନଲାଇନ୍ ଗଣନା ଏପ୍ରିଲ ୧, ୨୦୨୬ରୁ ୧୫ ଦିନ ପାଇଁ ସ୍ୱେଚ୍ଛାକୃତ ଅନଲାଇନ୍ ସେଲ୍ଫ-ଏନ୍ୟୁମେରେସନ ତଥା ନିଜେ ତଥ୍ୟ ପ୍ରଦାନ ସୁବିଧା ରହିବ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ବୁଲି ଜନସଂଖ୍ୟା ସର୍ବେକ୍ଷଣ ଫେବୃୟାରୀ ୨୦୨୭ରେ କରାଯିବ। ଜନଗଣନା ୨୦୨୭ ହେଉଛି ଭାରତର ୧୬ତମ ଜନଗଣନା ଏବଂ ସ୍ୱାଧୀନତା ପରଠାରୁ ୮ମ ଜନଗଣନା । ଏହା ସମ୍ପୂର୍ଣ୍ଣ ରୂପେ ଏକ ଡିଜିଟାଲ୍ ପ୍ରକ୍ରିୟା ହେବ । ଏଥିରେ ପ୍ରଥମ ଥର ପାଇଁ ଜାତି ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତି ସମ୍ବନ୍ଧୀୟ ବିସ୍ତୃତ ସୂଚନା ସଂଗ୍ରହ କରାଯିବ, ଯାହା ଦେଶର ରାଜନୈତିକ ଏବଂ ସାମାଜିକ ଗଠନ ଉପରେ ବଡ଼ ପ୍ରଭାବ ପକାଇବ ବୋଲି ଅନୁମାନ କରାଯାଉଛି । ଏହି ତଥ୍ୟ ଆଧାରରେ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯିବ, ଯାହା ଆଗାମୀ ଲୋକସଭା ଓ ବିଧାନସଭାରେ ପ୍ରତିନିଧିତ୍ୱକୁ ସ୍ପଷ୍ଟ ରୂପ ଦେବ । ସୂଚନାଯୋଗ୍ୟ ଯେ, ଶେଷ ଜନଗଣନା ୨୦୧୧ ମସିହାରେ ହୋଇଥିଲା । ତେବେ କୋଭିଡ-୧୯ ମହାମାରୀ କାରଣରୁ ଗତ ୨୦୨୧ ମସିହାରେ ଜନଗଣନା ସ୍ଥଗିତ ରହିଥିଲା । ବାଲୁକା ଚିତ୍ର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କୁହନ୍ତି, 'ମତେ ଜନଗଣନା ୨୦୨୭ ପାଇଁ ବ୍ରାଣ୍ଡ ଆମ୍ବାସଡର ଭାବେ ମନୋନୀତ କରାଯାଇଥିବାରୁ ମୁଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଆମର ମୁଖ୍ୟ ଲକ୍ଷ୍ୟ ରହିବ ଆମ ଦେଶକୁ ଆଗକୁ ନେବା ପାଇଁ। ଏହି କାର୍ଯ୍ୟରେ ଆମ ସମସ୍ତଙ୍କୁ ଭାଗ ନେବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ନାଗରିକ ଜଣେ ଜଣେ ଏଥିରେ ବ୍ରାଣ୍ଡ ଆମ୍ବାସଡର । ଆମେ ସରକାରଙ୍କୁ ଏଥିରେ ସହଯୋଗ କରିବା। ମୁଁ ବାଲୁକା ଚିତ୍ରକଳା ମାଧ୍ୟମରେ ଜନଗଣନାକୁ ନେଇ ସଚେତନତା ସୃଷ୍ଟି କରାଇବି ।'

# ଅଯୋଧ୍ୟାରେ ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ 'ଶ୍ରୀରାମ ଯନ୍ତ୍ର' ସ୍ଥାପନ କଲେ ରାଷ୍ଟ୍ରପତି

**ଉତ୍ତରପ୍ରଦେଶ, ୧୯।୩**

ଦୀର୍ଘ ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି । ଅଯୋଧ୍ୟା ରାମ ମନ୍ଦିରର ଦ୍ୱିତୀୟ ମହଲାରେ ପବିତ୍ର 'ଶ୍ରୀରାମ ଯନ୍ତ୍ର' ସ୍ଥାପନ ସହ ମନ୍ଦିର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ଶାରଦୀୟ ନବରାତ୍ରୀର ପ୍ରଥମ ଦିନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଯୋଧ୍ୟା ଗସ୍ତ କରି ପ୍ରଭୁ ରାମଲାଲାଙ୍କ ଦର୍ଶନ କରିବା ସହ ଏହି ସ୍ୱତନ୍ତ୍ର ସ୍ଥାପନା ଉତ୍ସବରେ ସାମିଲ ହୋଇଛନ୍ତି । ରାଷ୍ଟ୍ରପତି ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ମହର୍ଷି ବାଲ୍ମିକୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସ୍ୱାଗତ କରିଥିଲେ । ବୈଦିକ ଆଚାର୍ଯ୍ୟଙ୍କ ମନ୍ତ୍ରୋଚାରଣ ମଧ୍ୟରେ ରାଷ୍ଟ୍ରପତି ମନ୍ଦିରର ଦ୍ୱିତୀୟ ମହଲାରେ ଶ୍ରୀରାମ ଯନ୍ତ୍ରର ପୂଜାର୍ଚ୍ଚନା କରି ସ୍ଥାପନ କରିଥିଲେ । ଏହି ଅବସରରେ ରାମ ମନ୍ଦିର



ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ମହାରାଜ କହିଛନ୍ତି ଯେ, 'ଏହି ସ୍ଥାପନା ସହ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଏବେ ପରିପୂର୍ଣ୍ଣ ହୋଇଛି ।' କାର୍ଯ୍ୟକ୍ରମରେ ୧୯୮୪ ମସିହାରୁ ରାମ ମନ୍ଦିର ଆନ୍ଦୋଳନ ସହ ଜଡ଼ିତ ବହୁ ବିଶିଷ୍ଟ ବ୍ୟକ୍ତି ଓ କାର୍ଯ୍ୟକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଛି । ଶାସ୍ତ୍ର ଅନୁସାରେ, ଯେପରି 'ଶ୍ରୀ ଯନ୍ତ୍ର'କୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ କୁହାଯାଏ, ସେହିପରି 'ଶ୍ରୀରାମ ଯନ୍ତ୍ର' ଭଗବାନ ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କ ବିଜୟ ଏବଂ ମର୍ଯ୍ୟାଦାର ପ୍ରତୀକ। ଏହା କେବଳ ଏକ ଧାତୁ ନୁହେଁ, ବରଂ ବ୍ରହ୍ମାଣ୍ଡ ଶକ୍ତିର ଏକ ଗାଣିତିକ ଏବଂ ଆଧ୍ୟାତ୍ମିକ ସ୍ୱରୂପ । ଏହାକୁ ତାମିଲନାଡୁର କାଞ୍ଚିପୁରମ୍ ମଠରେ ପ୍ରସ୍ତୁତ କରାଯାଇଛି । ଏହି ଯନ୍ତ୍ରର ଓଜନ ପ୍ରାୟ ୧୫୦ କିଲୋଗ୍ରାମ ଏବଂ ଏହା ଉପରେ ସୁନାର ପରସ୍ତ ଚଢ଼ାଯାଇଛି । କାଞ୍ଚିପୁରମରୁ ତିରୁପତି ହୋଇ ଏକ ଭବ୍ୟ ରଥଯାତ୍ରା ମାଧ୍ୟମରେ ୧୦ ଦିନ ପୂର୍ବରୁ ଏହାକୁ ଅଯୋଧ୍ୟା ଅଣାଯାଇଥିଲା ।

# ଜୁନ୍ ୩୦ ସୁଦ୍ଧା ଏସସିବିର ନୂଆ କ୍ଲିନିକାଲ୍ ୟୁନିଟ୍ ବିଲ୍ଡିଂ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ

**କଟକ, ୧୯/୦୩ ନ୍ୟୁଜ ବ୍ୟୁରୋ**

ଏମ୍ସ ପ୍ଲସ ଢାଞ୍ଚାରେ ନିର୍ମାଣ ହେଉଥିବା ଏସସିବି ସମ୍ପ୍ରସାରଣ କାର୍ଯ୍ୟ ବୁଲି ସମୀକ୍ଷା କରିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଚଳିତବର୍ଷ ଜୁନ ୩୦ ସୁଦ୍ଧା ଏହି କୋଠା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଚଳିତ ମାସରେ ନିର୍ମାଣ କାର୍ଯ୍ୟ ଶେଷ ହେବ ଏବଂ ଏସସିବିର ନୂଆ କ୍ଲିନିକାଲ ଓ ହଷ୍ଟେଲ ବିଲ୍ଡିଂ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ନୂତନ କ୍ଲିନିକାଲ୍ ୟୁନିଟ୍ ବିଲଡିଂ (ଟାୱାର୍ସ ୧ ଏବଂ ୨)ର ନିର୍ମାଣ କାର୍ଯ୍ୟ ଯଥେଷ୍ଟ ପରିମାଣରେ ସମାପ୍ତ ହୋଇଛି। କ୍ଲିନିକାଲ୍ ୟୁନିଟ୍ ଟାୱାରଗୁଡ଼ିକର ସମସ୍ତ ପ୍ରମୁଖ ସାଂରଚନିକ କାର୍ଯ୍ୟ ବର୍ତ୍ତମାନ ସମାପ୍ତ ହୋଇଛି । ଜୁନ୍ ୩୦ ସୁଦ୍ଧା ଏହି କୋଠା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ସେ ନିଶ୍ଚିତ କରିଛନ୍ତି। କାର୍ଯ୍ୟକ୍ଷମ ହେବା ପରେ, ଏହି ସୁବିଧା ରୋଗୀ ସେବା କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ଭିତ୍ତିଭୂମି ଉପରେ ଚାପ କମ କରିବ ବୋଲି ଆଶା କରାଯାଉଛି । ସରକାର ଦାୟିତ୍ୱ ହସ୍ତଗତ କରିବା ପରେ ଏମ୍ସ ପ୍ଲସ ଏସସିବିର ନିର୍ମାଣ ନେଇ ଭୁବନେଶ୍ୱରରେ ବାରମ୍ବାର ବୈଠକ ଡ଼କାଯାଇ ଏହାର ରୂପରେଖ ସମ୍ବନ୍ଧରେ ସମୀକ୍ଷା ବୈଠକ କରାଯାଉଥିଲା। ହଷ୍ଟେଲ କାର୍ଯ୍ୟ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ଶେଷ ହେବ। ବର୍ତ୍ତମାନ ସୁଦ୍ଧା କ୍ଲିନିକାଲ ବିଲ୍ଡିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚିକିତ୍ସା ସମ୍ବନ୍ଧୀୟ ସାମଗ୍ରୀ ବିଲ୍ଡିଂରେ ରହିବା ପରେ ତାହା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ମନ୍ତ୍ରୀ । ଏସସିବି ଟ୍ରମା କେୟାର ଅଗ୍ନିକାଣ୍ଡ ଘଟଣାରେ



ପୂର୍ତ୍ତମନ୍ତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଏହି ସମ୍ବେଦନଶୀଳ ଘଟଣାକୁ ନେଇ ରାଜ୍ୟ ସରକାର ତତ୍ପର ରହିଛନ୍ତି । ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ପରେ ତମାମ ଦିଗକୁ ନିରୀକ୍ଷଣ କରି ଏହାର କାରଣ ଜାଣିବା ପାଇଁ ଉନ୍ନୟନ କମିଶନରଙ୍କ ଅଧୀନରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ହୋଇଛି । ଜୁଡିସିଆଲ ରିପୋର୍ଟ ଆସିବାରେ ବିଳମ୍ବ ହୋଇପାରେ, କିନ୍ତୁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶୀଘ୍ର ତଦନ୍ତ କରି ଏହାର ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେବେ। ଏସସିବି ନୂଆ ବିଲ୍ଡିଂ ନିର୍ମାଣ ପରେ ପୁରୁଣା ବିଲ୍ଡିଂ ଗୁଡିକର ପୁନଃନିର୍ମାଣ ହେବ । ପୁରୁଣା ବିଲ୍ଡିଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଛି, ତାହାର ପୁନଃରୁଦ୍ଧାର ହେବ । ତେଣୁ ନୂଆ ବିଲ୍ଡିଂ କାର୍ଯ୍ୟକ୍ଷମ ହେଲେ ପୁରୁଣା ଏସସିବି ବିଲ୍ଡିଂର ପୁନଃ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟେ ଅଗ୍ନିକାଣ୍ଡ ଘଟଣାରେ ବିନା ତଦନ୍ତରେ ଦୋଷୀ କିଏ ଜାଣିବା କଷ୍ଟ । ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୂର୍ତ୍ତମନ୍ତ୍ରୀ କହିଛନ୍ତି ।

## ଶ୍ରୀମନ୍ଦିର ସାଂସ୍କୃତିକ କମିଟି ବୈଠକ

# ଜଗନ୍ନାଥ ମନ୍ଦିର ସମସ୍ତ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଗଜପତି ମହାରାଜା

**ପୁରୀ, ୧୯/୦୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଶ୍ରୀମନ୍ଦିର ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ । ଏହି ବୈଠକରେ ପୁରୀ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟଭାର ନେଇଥିବା ଓବିସିସି ଅଧିକାରୀ, ଜଗନ୍ନାଥ ସଂସ୍କୃତି ଗବେଷକ ମାନେ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ଶ୍ରୀମନ୍ଦିର ଏମାର ମଠ ନିକଟରେ ଏକ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ହେବ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସମସ୍ତ ତତ୍ତ୍ୱ ଏବଂ ଐତିହାସିକ ତଥ୍ୟାବଳୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ବିଷୟରେ ଶ୍ରଦ୍ଧାଳୁଙ୍କୁ ସୂଚନା ଦିଆଯିବ। ସେହିପରି ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ପାଇଁ ଶ୍ରୀମନ୍ଦିର ଏମାର ମଠ ନିକଟରେ ବିଶ୍ୱସ୍ତରୀୟ ରଘୁନନ୍ଦନ ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ନିର୍ମାଣ କରାଯିବ। ସେଠାରେ ଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କିତ ସମସ୍ତ ତଥ୍ୟ, ପୁସ୍ତକ ରଖାଯିବ।



ଜଗନ୍ନାଥ ସଂସ୍କୃତି ବିଷୟରେ ଗବେଷଣା କରିବାକୁ ଚାହୁଁଥିବା ଗବେଷକଙ୍କୁ ସମସ୍ତ ତଥ୍ୟ, ପାଣ୍ଡୁଲିପି ଯୋଗାଇ ଦିଆଯିବ । ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର କରାଯାଇ ଅତ୍ୟାଧୁନିକ ଡିଜିଟାଲ ଲାଇବ୍ରେରୀରେ ପରିଣତ କରାଯିବ । ସେଠାରେ ଶ୍ରଦ୍ଧାଳୁଙ୍କ ପାଇଁ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପୁସ୍ତକ ମଧ୍ୟ ବିକ୍ରି କରାଯିବ । ଏହି ଦୁଇ ପ୍ରକଳ୍ପର ନକ୍ସା ଓ ଡିଜାଇନ୍ ଓବିସିସି ପକ୍ଷରୁ ବୈଠକରେ ଉପସ୍ଥାପନା କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଏହି ସବୁ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ନିଆଯାଇଛି।

ସେବାୟତ ଘରର ପିଲାମାନଙ୍କୁ ଏକ ଆଦର୍ଶ ସେବକ ଭାବେ ପରିଣତ କରିବା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ କରାଯାଇ ସିବିଏସଇ ଢାଞ୍ଚାରେ ସେମାନଙ୍କୁ ଶିକ୍ଷାଦାନ କରାଯିବ। ଏହି ପ୍ରକଳ୍ପର ଜମିଜମା ସମସ୍ୟାର ଶିଘ୍ର ସମାଧାନ ପାଇଁ ଗଜପତି ମହାରାଜା ଜିଲ୍ଲାପାଳଙ୍କୁ କହିଛନ୍ତି। ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତିକରଣ ମଧ୍ୟ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗୁଣ୍ଡିଚା ମନ୍ଦିର, ବଡ଼ଦାଣ୍ଡର ସୌନ୍ଦର୍ଯ୍ୟ କରଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିସହ ଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଆସନ୍ତା ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ପୁରୀକୁ ଆସୁଥିବା ଯାତ୍ରୀଙ୍କୁ କମ୍ ମୂଲ୍ୟରେ ରହଣୀ ପାଇଁ ରାଜ୍ୟ ସରକାର ବାସେଳୀ ସାହି ଥାନା ନିକଟରେ ଏକ ଯାତ୍ରୀ ନିବାସ ନିର୍ମାଣ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆଗାମୀ ରଥଯାତ୍ରା ପୂର୍ବରୁ ଏହା ଯାତ୍ରୀଙ୍କ ସେବା ଉଦ୍ଦେଶ୍ୟରେ ଲୋକାର୍ପିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ୩୯ କୋଟି ୨୨ ଲକ୍ଷ ଟଙ୍କାକୁ ଏକ ବର୍ଷ ପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ସ୍ଥାୟୀ ଜମା ରଖାଗଲା । କର୍ପସ ଫଣ୍ଡର ୩୬ କୋଟି ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ୩ କୋଟି ୨୨ ଲକ୍ଷ ସମୁଦାୟ ୩୯ କୋଟି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ଏକ ବର୍ଷ ପାଇଁ ଦିଆଗଲା। ଅର୍ଥ ସବ୍ କମିଟିର ଟେଣ୍ଡର ବିଡିଂରେ ୭. ୪୦ ସୁଧ ହାରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୨୦୨୬-୨୭ ବର୍ଷ ପାଇଁ ଏହି ଟଙ୍କା ଜମା କରାଯାଇଛି।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କୁହନ୍ତି, 'ଜଗନ୍ନାଥ୍ ସଂସ୍କୃତିର ସୁରକ୍ଷା, ପ୍ରଚାର ପ୍ରସାର ପାଇଁ ଯେତେ ସବୁ ପ୍ରକଳ୍ପ କାର୍ଯ୍ୟ ରହିଛି ତାହାର ଡିଜାଇନ୍, ନକ୍ସା ଉପସ୍ଥାପନା ସହ କେବେ କାର୍ଯ୍ୟ ଶେଷ ହେବ ସେ ନେଇ ଆଲୋଚନା ହୋଇଛି।

# ୟୁଟ୍ୟୁବର ଏଲଭିଶ ଯାଦବଙ୍କୁ ଆଶ୍ୱସ୍ତି ଦେଲେ ସୁପ୍ରିମକୋର୍ଟ

**ମୁମ୍ବାଇ ୧୯।୦୩**

ଲୋକପ୍ରିୟ ୟୁଟ୍ୟୁବର ଏଲଭିଶ ଯାଦବଙ୍କୁ ବଡ଼ ଆଶ୍ୱସ୍ତି । ୨୦୨୩ ମସିହାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା "ସାପ ବିଷ'' ବ୍ୟବହାର ମାମଲାରେ ସୁପ୍ରିମକୋର୍ଟ ଏଫଆଇଆରକୁ ରଦ୍ଦ କରିଛନ୍ତି । ଏହି ନିଷ୍ପତ୍ତି ପରେ ଏଲଭିଶଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ମିଳିବା ସହ ଦୀର୍ଘ ଦିନ ଧରି ଚାଲିଥିବା ବିବାଦର ଅନ୍ତ ଘଟିଛି । କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ଏଲଭିଶଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ କୌଣସି ଠୋସ ପ୍ରମାଣ ରେକର୍ଡରେ ନାହିଁ। ପୋଲିସ ଦ୍ୱାରା ରୁଜୁ ହୋଇଥିବା ଏଫଆଇଆରରେ ପ୍ରକ୍ରିୟାଗତ ଓ ତଥ୍ୟଗତ ଗମ୍ଭୀର ତ୍ରୁଟି ରହିଛି। ଏହି ଆଧାରରେ କୋର୍ଟ ଏଲଭିଶଙ୍କ ବିରୋଧରେ ହୋଇଥିବା ସମସ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୩ରେ ଏକ ରେଭ୍ ପାର୍ଟିରେ ସାପ ବିଷକୁ ନିଶା ଭାବରେ ବ୍ୟବହାର କରାଯାଉଥିବା "ପିପୁଲ୍ସ ଫର୍ ଆନିମଲ୍ସ" ସଂଗଠନର ଅଧିକାରୀ ଗୌରବ ଗୁପ୍ତାଙ୍କ ଅଭିଯୋଗ କ୍ରମେ ଏଲଭିଶ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଓ ଏନଡିପିଏସ୍ ଆଇନ ଅନୁଯାୟୀ ଏଲଭିଶଙ୍କୁ ପୋଲିସ ଗିରଫ ମଧ୍ୟ କରିଥିଲା । ୧୨୦୦ ପୃଷ୍ଠାର ଚାର୍ଜସିଟରେ ସାପ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ସହ ଏଲଭିଶଙ୍କ ସମ୍ପର୍କ ଥିବା ଦର୍ଶାଯାଇଥିଲା। ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଏବେ ଏହି ସମସ୍ତ ଅଭିଯୋଗ ଏକ ପ୍ରକାର ମୂଲ୍ୟହୀନ ହୋଇଯାଇଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୯/୦୩/୨୦୨୬
୫,୨୦,୮୮୦/- ଟଙ୍କା
ସୁନା:- ଶୂନ୍
ରୂପା:-୩୧ଗ୍ରାମ୍୫୦୦ ମିଲିଗ୍ରାମ



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଜଙ୍ଗଲ ଓ ଚାଷଜମିରେ ଲାଗୁଥିବା ନିଆଁ ପଛରେ 'ମନୁଷ୍ୟକୃତ' ଷଡ଼ଯନ୍ତ୍ର, ସଙ୍କଟରେ ପ୍ରାଣୀସମ୍ପଦ
ଅଂଶୁଘାତ ଆକ୍ରାନ୍ତଙ୍କୁ ଭରସା ଜିଲ୍ଲା ହସ୍ପିଟାଲ : ମିଳୁନି ସିଏଚ୍‌ସି, ପିଏଚ୍‌ସିରେ ସେବା

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## କୋରେଇ ଶିକ୍ଷା ବିଭାଗରେ ୫.୫୬ କୋଟି ହଡ଼ପ ମାମଲା

# ପ୍ରଦୀପ ମହାନ୍ତିଙ୍କ ପରିବାର ଗିରଫ



**ଯାଜପୁର/କୋରେଇ/ଭଦ୍ରକ, ୧୯/୦୩ ନ୍ୟୁଜ ବ୍ୟୁରୋ**

କୋରେଇ ଶିକ୍ଷା ବିଭାଗରେ ୫.୫୬ କୋଟି ଠକେଇ ମାମଲା । ପ୍ରଦୀପ ମହାନ୍ତିଙ୍କ ପରିବାର ଗିରଫ। ବାପ, ପୁଅ ଗିରଫ ପରେ ପତ୍ନୀ ଗିତାରାଣୀ ଫେରାର ଥିଲେ। ପ୍ରଥମେ କଲିକତାକୁ ପଳାଇଥିଲେ ଗିତାରାଣୀ। ସେଠାରୁ ଫେରି ଭଦ୍ରକ ଚରମ୍ପାର ଏକ ହୋଟେଲରେ ଥିଲେ । ଗୁରୁବାର ଭୋର ସମୟରେ ଗିତାରାଣୀଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ ଜେଠୱା ସୂଚନା ଦେଇଛନ୍ତି।

ଯାଜପୁର ଜିଲ୍ଲା କୋରେଇ ଶିକ୍ଷା ବିଭାଗରେ ହୋଇଥିବା ବଡ଼ଧରଣର ଆର୍ଥିକ ଅନିୟମିତତା ମାମଲାରେ ଭଦ୍ରକ ଜନା ସ୍ମଲ୍ ଫାଇନାନ୍ସର ଶାଖା ପ୍ରବନ୍ଧକ ମାତୃପ୍ରସାଦ ମହାନ୍ତିଙ୍କୁ ଗିରଫ କରିଥିଲା ଭିଜିଲାନ୍ସ । ମାତୃପ୍ରସାଦ ଆର୍ଥିକ ଅନିୟମିତତାର ମୁଖ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତିଙ୍କ ପୁଅ। ୨୦୧୮ରୁ ୨୦୨୪ ମଧ୍ୟରେ କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ଆଇଡି ହ୍ୟାକ୍ କରି ୫ କୋଟି ୫୬ ଲକ୍ଷ ୧୧ ହଜାର ୪୯୫ ଟଙ୍କା ଅନ୍‌ଲାଇନ୍‌ରେ ଟ୍ରାନ୍ସଫର ହୋଇଥିଲା । ବାପା-ପୁଅ ଯୋଡ଼ି ହୋଇ ଯୋଜନାବଦ୍ଧ ଭାବେ ଏହି ଟଙ୍କା ହପଡ଼ରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା ।

ଭିଜିଲାନ୍ସ ସୂଚନା ମୁତାବକ, ବାପା ପ୍ରଦୀପଙ୍କ ସହ ମିଶି ଅଭିଯୁକ୍ତ ମାତୃପ୍ରସାଦ ଏହି ଚଞ୍ଚକତା କରିଥିଲେ । ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିବା ପରେ ପ୍ରଦୀପ କୋରେଇ ବିଇଓ କାର୍ଯ୍ୟାଳୟରେ ପୁନଃ ନିଯୁକ୍ତ ହୋଇଥିଲେ । ଏହି ସମୟରେ ସେ ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ଆଇଡିର ଅପବ୍ୟବହାର କରି ସେମାନଙ୍କୁ କାର୍ଯ୍ୟରତ ବୋଲି ଭୁଲ୍ ରେକର୍ଡ ସୃଷ୍ଟି କରିଥିଲେ । ସେମାନଙ୍କ ନାମରେ ପ୍ରତିମାସ ପେନସନ୍ ବିଲ୍ ପ୍ରସ୍ତୁତ କରି ଟଙ୍କା ଉଠାଯାଉଥିଲା । ଏହି ଟଙ୍କାକୁ ପୁଅ ମାତୃପ୍ରସାଦ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଆକାଉଣ୍ଟକୁ ପଠାଉଥିଲେ । ୨୦୧୮ ନଭେମ୍ବରରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରାୟ ୬ ବର୍ଷ ଧରି ଏଭଳି ଢଙ୍ଗରେ ଅର୍ଥ ହଡ଼ପ ଚାଲିଥିଲା ।

ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ କେସ୍ ନଂ.୧୧/୨୦୨୬, ଦଫା ୧୩ (୨) ଆର/ ଡବ୍ଲ୍ୟୁ/ ୧୩(୧)(ଏ)ପିସି ଆମେଣ୍ଡମେଣ୍ଟ ଆକ୍ଟ, ୨୦୧୮/୪୦୯/୪୬୭-ଏ/ ୧୨୦-ବିରେ ମାମଲା ରୁଜୁ କରାଯାଇଛି । ମାତୃପ୍ରସାଦଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା । ଗୁରୁବାର ଏହି ମାମଲାରେ ପତ୍ନୀ ଗିତାରଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ ଟିମ୍।

## କିଛି ବ୍ୟକ୍ତିଙ୍କ ସ୍ୱାର୍ଥ ପାଇଁ

# ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ଅଟକା ଯାଇପାରିବ ନାହିଁ : ହାଇକୋର୍ଟ

**କଟକ, ୧୯/୦୩ ନ୍ୟୁଜ ବ୍ୟୁରୋ**

ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପରେ ଜବରଦଖଲକାରୀମାନେ ବାଧା ସୃଷ୍ଟି କରିପାରିବେ ନାହିଁ । ଜବରଦଖଲ କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ । ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ବିକାଶମୂଳକ କାର୍ଯ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କେବଳ କିଛି ବ୍ୟକ୍ତିଙ୍କ ସ୍ୱାର୍ଥ ପାଇଁ ସମ୍ପ୍ରସାରଣ କାର୍ଯ୍ୟକୁ ଅଟକାଯାଇପାରିବ ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପ୍ରକୃତ ତଥ୍ୟ ଲୁଚାଇଥିବା ଆବେଦନକାରୀଙ୍କୁ କଡ଼ା ସମାଲୋଚନା କରିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଅନ୍ଧାରୁଆ ପଞ୍ଚାୟତ ଚୁନୁକାଲି ଗ୍ରାମର କିଛି ବାସିନ୍ଦାଙ୍କ ପକ୍ଷରୁ ଆଗତ ରିଟ୍ ପିଟିସନ୍‌କୁ ଖାରଜ କରିବା ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀମାନେ ଅଭିଯୋଗ କରିଥିଲେ ଯେ, ସେମାନଙ୍କ ଗାଁ ବାଟଦେଇ ଏକ ସଡ଼କ ନିର୍ମାଣ ପାଇଁ



ଡିପିଆର ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଏହି ଡିପିଆରକୁ ପରେ ବଦଳାଯାଇ ରାସ୍ତାର ଦିଗ ପରିବର୍ତ୍ତନ କରାଗଲା। ଯେଉଁ ଜମି ଦେଇ ରାସ୍ତା ତିଆରି କରାଯିବ ତା' ଦ୍ୱାରା ସେମାନଙ୍କ ଘରକୁ ଭଙ୍ଗାଯିବ। ସେମାନେ ଅନୁସୂଚିତ ଜନଜାତି ବର୍ଗର । ତେଣୁ ସେମାନଙ୍କର ସ୍ୱାର୍ଥରକ୍ଷା କରାଯିବା ଆବଶ୍ୟକ। ତେଣୁ ନୂତନ ଡିପିଆର ଆଧାରରେ ରାସ୍ତା ନିର୍ମାଣ ପାଇଁ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଥିଲା।

ଅଦାଲତ କହିଛନ୍ତି ଯେ ଆବେଦନକାରୀମାନେ ପୂର୍ବରୁ ସିଭିଲ୍ କୋର୍ଟରେ ହାରିସାରିଥିବା ଏବଂ ସେମାନଙ୍କୁ ଜମି ଖାଲି କରିବା ପାଇଁ ଆଦେଶ ଦିଆଯାଇଥିବା କଥା ହାଇକୋର୍ଟଙ୍କୁ ଜଣାଇନଥିଲେ । ଅଦାଲତ ଏହାକୁ ଅଦାଲତଙ୍କ ପ୍ରକ୍ରିୟାର ଅପବ୍ୟବହାର ବୋଲି କହିଛନ୍ତି । ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତିମାନେ କୌଣସି ପ୍ରକାର ଆଇନଗତ ସୁରକ୍ଷା ପାଇବାକୁ ଯୋଗ୍ୟ ନୁହଁନ୍ତି । ଅଦାଲତ କହିଛନ୍ତି ଯେ ରାସ୍ତା କାମ ପାଇଁ ଜବରଦଖଲ ହଟାଇବା ଜରୁରି ଏବଂ ଏଥିପାଇଁ କଠୋର ପଦକ୍ଷେପ ନିଆଯିବ । ଗାଡ଼ି ଚଳାଚଳର ସୁବିଧା ଏବଂ ଦୁର୍ଘଟଣା ରୋକିବା ପାଇଁ ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ରାସ୍ତା ପ୍ଲାନ ଅନୁଯାୟୀ ରାସ୍ତା ସଂପ୍ରସାରଣ କାମ ଜାରି ରଖିବାକୁ ଅଦାଲତ ଅନୁମତି ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏହି ମାମଲା ପରିଚାଳନା କରୁଥିଲେ।

# ପଲ୍ଲୀରୁ ଦିଲ୍ଲୀ ଯାଏ ପାଳନ ହେବ ଓଡ଼ିଶା ଦିବସ : ଜୟଦେବ ଭବନରେ ରାଜ୍ୟସ୍ତରୀୟ ଉତ୍ସବ

**ଭୁବନେଶ୍ୱର, ୧୯/୦୩ ନ୍ୟୁଜ ବ୍ୟୁରୋ**

ପଲ୍ଲୀରୁ ଦିଲ୍ଲୀ ଯାଏ ପାଳନ ହେବ ଓଡ଼ିଶା ଦିବସ । ରାଜ୍ୟ ରାଜଧାନୀ ଭୁବନେଶ୍ୱର, ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲା ଓ ଉପଖଣ୍ଡ ତଥା ସାରା ଓଡ଼ିଶା ସମେତ ଦେଶର ରାଜଧାନୀ ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇରେ ପାଳନ ହେବ ଓଡ଼ିଶା ଦିବସ । ଆନନ୍ଦ, ଉଲ୍ଲାସ ଓ ଆକର୍ଷଣୀୟ ଭାବରେ ମହା ସମାରୋହରେ ପାଳନ ଲାଗି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ଓଡ଼ିଶା ଦିବସ-୨୦୨୬ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଲୋକସେବା ଭବନ



ସମ୍ମିଳନୀ କକ୍ଷରେ ବସିଥିଲା । ଏଥିରେ ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଶା ଦିବସ ଏପ୍ରିଲ ୧ ତାରିଖ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ହେବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଭାଗ ପକ୍ଷରୁ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ପତ୍ରିକା 'ପ୍ରଗତି ପ୍ରବାହ'ର ୩ୟ ସଂସ୍କରଣ ଉନ୍ମୋଚନ ହେବ । ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦେଶାତ୍ମବୋଧକ ସଙ୍ଗୀତ ବାଦନ, ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଠାଗୁଡ଼ିକର ଆଲୋକୀକରଣ ନେଇ ଆଲୋଚନା ହୋଇଥିଲା। ନୂଆଦିଲ୍ଲୀଠାରେ ପ୍ରମୁଖ ଆବାସିକ ଆୟୁକ୍ତ ଏବଂ କାଲକାତା, ମୁମ୍ବାଇ, ଚେନ୍ନାଇଠାରେ ସ୍ଥାନୀୟ ଓଡ଼ିଆ ସମାଜ ସହଯୋଗରେ ଓଡ଼ିଶା ଦିବସ ପାଳନ ହେବ ।

ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତାକୁ ଆଧାର କରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗମାନଙ୍କ ସହଯୋଗରେ 'ଓଡ଼ିଆ ପକ୍ଷ' ପାଳନ ପୂର୍ବକ ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ସଚିବ ସଞ୍ଜୟ କୁମାର ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଡ. ଏନ୍. ତିରୁମାଳା ନାଏକ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ, ବୈଷୟିକ ଗୁରବୀର ସିଂଙ୍କ ସମେତ ସମ୍ପୃକ୍ତ ଅନ୍ୟ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।